## ସଂକ୍ଷେପରେ

### ଆଲୋଚନା ବେଳେ ଗଣ୍ଡଗୋଳ: ଥାନାରେ ଏତଲା

ବାସୁଦେବପୁର,୧୦।୧୨(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ଟାଉନହଲ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଠିକାଦାର ସଂଘର କର୍ମକର୍ତ୍ତା ଓ ସଭ୍ୟଙ୍କୁ ନେଇ ବୈଠକ ଚାଲିଥିବା ବେଳେ ସେଠାରେ ଉପସ୍ଥିତ ଅନ୍ୟ କେତେକ ବ୍ୟକ୍ତିଙ୍କ ମଧ୍ୟରେ କଥା କଟାକଟି ହେବା ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଛି। ଠିକାଦାର ସଂଘ ଓ ଅଣଠିକାଦାର ବ୍ୟକ୍ତିଙ୍କ ମଧ୍ୟରେ ଘଟିଥିବା ଗଣ୍ଡଗୋଳକୁ ନେଇ ସନ୍ଧ୍ୟାରେ ଦୁଇପକ୍ଷରୁ ବାସୁଦେବପୁର ଥାନାରେ ପୃଥକ୍ ପୃଥକ୍ ଏତଲା ଦିଆଯାଇଛି। ପୋଲିସ ଦୁଇ ପକ୍ଷର ଅଭିଯୋଗକୁ ଭିତ୍ତି କରି ତଦନ୍ତ କରୁଥିବା ସୂଚନା ଦେଇଛି।

### ବିଦ୍ୟୁତ୍ ଆଘାତରେ ଆହତ ଯୁବକଙ୍କ ମୃତ୍ୟୁ

ତିହିଡ଼,୧୦।୧୨(ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମର ମାନସ କୁମାର ସାହୁ (୨୧) ନାମକ ଜଣେ ଯୁବକ ୧୧ କେ.ଭି. ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଗତ ୪ତାରିଖରେ ମାନସ ତିହିଡ଼ି ବଜାରରେ ଥିବା ଜଣେ ବ୍ୟକ୍ତିଙ୍କ ଘର ଛାତରେ ଟାଇଲ୍ କାମ କରୁଥିଲେ। ସେହି ଛାତ ଉପରେ ଯାଇଥିବା ୧୧ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସି ଗୁରୁତର ଆହତ ହୋଇଥିଲେ।

### ପରିତ୍ୟକ୍ତ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତିହିଡି,୧୦।୧୨(ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡି ଥାନା ନନ୍ଦପୁର ବଜାରଠାରୁ ଅଳ୍ପ ଦୂରରେ ଥିବା ଏକ ପରିତ୍ୟକ୍ତ ଘରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ରାତି ୮ଟା ବେଳେ ପୋଲିସ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତ ପରେ ପୋଲିସ ମୃତ ଯୁବକଙ୍କ ପରିଚୟ ପାଇ ପାରିଛି। ତାଙ୍କ ଘର ଜାମଯୋଡି ପଞ୍ଚାୟତ ଅଧୀନ ଅମୃତପୁର ଗ୍ରାମରେ। ସେ ୪ ଦିନ ହେବ ନିଖୋଜ ଥିଲେ ବୋଲି ପୋଲିସ କହିଛି।

### ସଫେଇ କର୍ମଚାରୀ ପୁରସ୍କୃତ

ଧାମନଗର ୧୦।୧୨(ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ଏନଏସି ତରଫରୁ ଅଙ୍ଗୀକାର କ୍ୟାମ୍ପେନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏନଏସି ଅଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ସମେତ ଗ୍ରାମବାସୀଙ୍କୁ ସହରୀକରଣ ମାଧ୍ୟମରେ ବିଭିନ୍ନ ଯୋଜନାରୁ ଲାଭ ଉଠାଇବା ପାଇଁ ପ୍ରୋତ୍ସାହନ ଦିଆଯାଇଥିଲା। ଏହି ଅବସରରେ ଦୁଇଜଣ ସଫେଇ କର୍ମଚାରୀଙ୍କୁ ଏନଏସି ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ସାହୁ ,ସିଏଲଟିସି ଧନେଶ୍ୱର ଧଳ, ସୁଷମାରାଣୀ ରାଉତ, ଜନ୍ମେଜୟ ପଣ୍ଡା,ଶରତ କୁମାର ଦାସ ପ୍ରମୁଖ ଯୋଗ ଦେଇ ହିତାଧିକାରୀ ଏବଂ ଗ୍ରାମବାସୀଙ୍କୁ ଏନଏସିର ନିୟମ କାନୁନ ବିଷୟରେ ଅବଗତ କରାଇଥିଲେ।

### କ୍ରୀଡ଼ା ପ୍ରତିଯୋଗିତା, ଭାଗ ନେଲେ ୧୦୦ ଛାତ୍ରୀଛାତ୍ର

ବନ୍ତ,୧୦।୧୨(ଡି.ଏନ୍.ଏ.): ମଙ୍ଗଳବାର ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ସାଧନା ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ୧୮ଟି ବିଭାଗରେ କନିଷ୍ଠ, ବରିଷ୍ଠ ବର୍ଗରେ ୧୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବର୍ଗରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ କୃତୀ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା। ସରପଞ୍ଚ ଅଶୋକ କୁମାର ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ବିଶ୍ୱନାଥ ବାରିକ ସଭା ପରିଚାଳନା କରିଥିଲେ। ସାମାଜିକ କର୍ମୀ ହରି ନାରାୟଣ ମହାନ୍ତି, ବିଦ୍ୟାଳୟର ସଭାପତି ପଦ୍ମଲୋଚନ ବାରିକ, ଶିକ୍ଷାବିତ୍ ବାବାଜୀ ଚରଣ ଦଳେଇ, ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ବାରିକ, ଭାସ୍କର ଚନ୍ଦ୍ର ସେନାପତି, ଦିଗମ୍ବର ସେଠୀ ଏଥିରେ ଯୋଗ ଦେଇଥିଲେ।

# କର୍ମରେ ସାହସ ଦେଖାଏ ବାଟ



ଛେଳିଙ୍କ ଯତ୍ନ ନେଉଛନ୍ତି ଭୀମସେନ।

- ଜୀବନ ସଂଘର୍ଷର ଏକ ନିଆରା କାହାଣୀ
- ରିକ୍ସା ଚାଳକରୁ ସଫଳ ଛେଳି ଚାଷୀ ଭୀମସେନ

**ଅଜିତ ରାଉତ**

ଧାମନଗର ୧୦।୧୨(ଡି.ଏନ.ଏ.)

ସାହସ ଓ ମନୋବଳ ରଖି କାର୍ଯ୍ୟ କଲେ କାହାରି ପେଟ ଅପୋଷା ରହିବ ନାହିଁ। କୃଷି ବ୍ୟତୀତ ଆନୁଷଙ୍ଗିକ କୃଷି କିମ୍ବା ପ୍ରାଣୀଧନ ପାଳନ ଚାଷୀଙ୍କୁ ମଧ୍ୟ ସ୍ୱାବଲମ୍ବୀ କରିପାରିବ। ଏକଦା ରିକ୍ସା ଟାଣି ପେଟ ପୋଷୁଥିବା ଭଦ୍ରକ ଜିଲା ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ବନବାଗ ଗାଁର ଭୀମସେନ ଦାସ (୪୮) ଏବେ ନିଜ ଅଞ୍ଚଳରେ ଜଣେ ସଫଳ ଛେଳି ଚାଷୀଙ୍କ ପରିଚୟ ପାଇ ପାରିଛନ୍ତି। ନିଜ ଚେଷ୍ଟାରେ ଆଧୁନିକ କୌଶଳ ଶିକ୍ଷା କରି ଉନ୍ନତ ପ୍ରଜାତିର ଛେଳି ପାଳନ କରି ଏବେ ନିଜ ଭାଗ୍ୟ ନିଜେ ଗଢି ପାରିଛନ୍ତି। ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇ ସେ ପରିବାର ପ୍ରତିପୋଷଣ ସହ ନିଜ ପିଲାଙ୍କୁ ପାଠ ପଢ଼ାଇ ପାରୁଛନ୍ତି। ତାଙ୍କ ଜୀବନ ସଂଘର୍ଷର କାହାଣୀ ଅନ୍ୟମାନଙ୍କୁ ପ୍ରେରଣା ଦେଇଛି, ତା' ନୁହେଁ ସେ ଆଗ୍ରହୀ ଚାଷୀଙ୍କୁ ମଧ୍ୟ ଛେଳି ପାଳନ ସମ୍ପର୍କରେ କୌଶଳ ଶିଖାଉଛନ୍ତି।

ଭୀମସେନ କହନ୍ତି, ସେ ଗରିବ। ଅନ୍ୟ କିଛି ସମ୍ବଳ ନ ଥିବାରୁ ଯୁବାବସ୍ଥାରେ ପେଟ ପୋଷିବା ଲାଗି ରିକ୍ସା ଟାଣିବା ଆରମ୍ଭ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ରିକ୍ସା ଚଳାଇଛନ୍ତି। ଧୂଷୁରି ବଜାରରେ ରିକ୍ସା ଟାଣି ନଦୀଗାଁ ଓ ହସନାବାଦ ଆଦି ବଜାରକୁ ଲୋକଙ୍କୁ ନେବାଆଣିବା କରୁଥିଲେ। ପରେ ଗାଡିମୋଟର ଚାଲିବାରୁ ସମସ୍ତଙ୍କ ଲାଗି ରିକ୍ସା ଅଲୋଡା ହୋଇଗଲା। ଏହାପରେ ସେ ଭିନ୍ନ ପନ୍ଥା ଆପଣାଇବାକୁ ଉଦ୍ୟମ କରିଥିଲେ। ମନରେ ସାହସ ଜୁଟାଇ ଉନ୍ନତ ପ୍ରଣାଳୀରେ ଛେଳି ଚାଷ କରିବାକୁ ପ୍ରଥମେ ଚିନ୍ତା କରି ୪ ,୫ ଟି ଛେଳି ପାଳିଥିଲେ। ଉନ୍ନତ ପ୍ରଣାଳୀରେ ଚାଷ କରି ସେ ଶତାଧିକ ଛେଳିର ମାଲିକ। ଥରେ ଧୂଷୁରୀ ଭିଏଏସ ଟିକାକରଣ ପାଇଁ ଗାଁକୁ ଆସିଥିଲେ। ତାଙ୍କ ନଜର ଭୀମସେନଙ୍କ ଛେଳି ଉପରେ ପଡିଥିଲା। ସେ ଭୀମସେନଙ୍କୁ ଡାକି ଉନ୍ନତ ଛେଳି ପାଳନ କଥା କହିଥିଲେ। ପରେ ସରକାରଙ୍କ ଏନଏମପିଏସ ଯୋଜନାର ସହାୟତା ନେଇ ସବ୍‌ସିଡି ଅର୍ଥରେ ଭୀମସେନ ୨୫ ରୁ ୧୫ ଫୁଟରେ ଏକ ପକ୍କା ଗୁହାଳ ତିଆରି କରିଥିଲେ। ଭଲ ପରିବେଶରେ ସେଠାରେ ଛେଳି ରଖି ଯତ୍ନ ସହକାରେ ପାଳନ କଲେ। ଏପରିକି ରୋଗ ନ ହେବା ଲାଗି ସେ ଟିକାକରଣ କରିବା ସାଙ୍ଗକୁ ଛେଳିଙ୍କୁ କୃମି ନାଶକ, ଗର୍ଭଧାରଣ ଏବଂ ରୋଗ ନିରାକରଣ ଔଷଧ ଦେଲେ। ଏହି କାମରେ ତାଙ୍କର ସହଧର୍ମିଣୀ ମୀନାକ୍ଷୀ ସହଯୋଗ କରିଥିଲେ। ସେ ନିଜେ ଏବେ ଛେଳିଙ୍କୁ ଚିକିତ୍ସା କରିବା ସହିତ ଇଞ୍ଜେକ୍ସନ ଦେଇ ପାରୁଛନ୍ତି। ଏହାମଧ୍ୟରେ ଭୀମସେନଙ୍କ ପୂର୍ବ ଅବସ୍ଥା ବଦଳି ଯାଇଛି। ବାର୍ଷିକ ଦେଢ଼ରୁ ଦୁଇ ଲକ୍ଷ ଟଙ୍କା ସେ ରୋଜଗାର କରି ପାରୁଛନ୍ତି। ଏଥିରେ ସେ ତାଙ୍କ ବଡ଼ପୁଅକୁ ବିଏସସି ଏବଂ ସାନପୁଅକୁ ମାଟ୍ରିକ ପଢ଼ାଉଛନ୍ତି। ବଡ଼ ଝିଅକୁ ବିବାହ ଦେବା ଲକ୍ଷ୍ୟରେ ରହିଛନ୍ତି। ଦିନସାରା ଭୀମସେନ ବଣ ଜଙ୍ଗଲକୁ ଯାଇ ଛେଳି ଚରାଇ ଘରକୁ ଫେରିଥାନ୍ତି। ଛେଳିଙ୍କ ଯତ୍ନ ନେବାରେ ପରିବାରର ସମସ୍ତେ ତାଙ୍କୁ ସହଯୋଗ କରନ୍ତି। ଜଣେ ସଫଳ ଛେଳି ଚାଷୀ ଭାବେ ଜିଲାରେ ପ୍ରଥମ ସ୍ଥାନ ହାସଲ କରି ୨୦୧୬ରେ ରାଜ୍ୟସ୍ତରୀୟ କୃଷି ମହୋତ୍ସବରେ ପୁରସ୍କୃତ ହୋଇଥିଲେ। ଏହାପରେ ବିଭାଗ ତରଫରୁ ତାଙ୍କୁ ଅଧିକ ପ୍ରୋତ୍ସାହନ ମିଳିଥିଲା। ଧୂଷୁରୀ ଅଞ୍ଚଳରେ ପରିବେଶରେ ବ୍ଲାକ ବେଙ୍ଗଲ ପ୍ରଜାତିର ଛେଳି ଭଲ ବଢ଼ି ପାରୁଛନ୍ତି। ଏହି ଛେଳି ଚାଷ କରିବା ପାଇଁ ଚାଷୀଙ୍କୁ ଉତ୍ସାହିତ କରାଯାଉଛି ବୋଲି ଧୂଷୁରୀ ପ୍ରାଣୀଧନ ଚିକିତ୍ସକ ଡା. ନିରାକାର ଜେନା କହିଛନ୍ତି। ଆଧୁନିକ ପ୍ରଣାଳୀରେ ଛେଳି ଚାଷ କରି ସଫଳତା ପାଇବା ପରେ ଭୀମସେନଙ୍କୁ ଅନୁସରଣ କରି ଶଇଲୋ, ହସନାବାଦ, କୋଠାର, ଶ୍ରୀଗଙ୍ଗାରେ ଅନେକ ଚାଷୀ ଏବେ ଛେଳିଚାଷ କରିବା ଆରମ୍ଭ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ସମ୍ମିଳନୀ

ଭଣ୍ଡାରିପୋଖରୀ, ୧୦।୧୨(ଡି.ଏନ୍.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବନ୍ଦାଲୋ ମଢିଆଳୀ ପଞ୍ଚାୟତ ଅଫିସ ପରିସରରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଡିଓ ବନମାଳୀ ତରାଇ ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ୨୦୧୬-୧୭ ଠାରୁ ୨୦୧୮-୧୯ ପର୍ଯ୍ୟନ୍ତ ୫ ଜଣ ହିତାଧିକାରୀ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରିନାହାନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ପଞ୍ଚାୟତକୁ ମିଳିଥିବା ୮୭ଟି ଟାର୍ଗେଟ୍‌ରୁ ୨୦ ଜଣ ହିତାଧିକାରୀ ଗୃହ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୧୭ ଜଣ ସମ୍ପୂର୍ଣ୍ଣ କରିଛନ୍ତି। ୬୭ ଜଣ ହିତାଧିକାରୀ ଗୃହକାର୍ଯ୍ୟ ଆରମ୍ଭ କରିନାହାନ୍ତି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋପାଳ କିଶୋର ପଣ୍ଡା ବୈଠକରେ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତ ବନ୍ୟା ପ୍ଲାବିତ ଅଞ୍ଚଳ ହୋଇଥିବା ଯୋଗୁ ଗୃହକାର୍ଯ୍ୟ ବିଳମ୍ବିତ ହୋଇଥିବା ହିତାଧିକାରୀମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ପ୍ରମିଳା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିରରେ ସାମିଲ ଚାଷୀମାନେ।

## ରବି ଚାଷ ନେଇ କୃଷକଙ୍କୁ ପ୍ରଶିକ୍ଷଣ

ଭଦ୍ରକ ଅଫିସ, ୧୦।୧୨

ଆଦାନୀ ଫାଉଣ୍ଡେଶନ ପକ୍ଷରୁ ସୋମବାର ଦିନିକିଆ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାନ୍ଦବାଲି ବ୍ଲକ ଦୋସିଙ୍ଗା ପଞ୍ଚାୟତ ବାଲିସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଖରିଫ ଫସଲ ପରେ ଚାଷ ଜମିରେ ଯବକ୍ଷାରଜାନର ପୂରଣ ପାଇଁ ରବି ଫସଲ କରାଯାଇଥାଏ। ବିଶେଷ କରି ଧାମରା ଏବଂ ଏହାର ଆଖପାଖ ଅଞ୍ଚଳର ମୃତ୍ତିକା ସାମୁଦ୍ରିକ ଜଳବାୟୁ ଦ୍ୱାରା ପ୍ରଭାବିତ ହେଉଥିବାରୁ ଚାଷଜମିରେ ଉତ୍କୃଷ୍ଟ ମାନର ରବି ଫସଲ କିପରି ହୋଇପାରିବ ସେ ସମ୍ପର୍କରେ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୋସିଙ୍ଗା ଏବଂ ଜାଗୁଲା ପଞ୍ଚାୟତର ୯ ଟି ଗ୍ରାମର ପ୍ରାୟ ୪୪ ଜଣ କୃଷକ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାସ ପ୍ରଶିକ୍ଷଣ ଦେଇଥିଲେ। ବିଶେଷ କରି ମୃତ୍ତିକା ସଂଗ୍ରହର ପ୍ରକ୍ରିୟା, ଏହାର ଉର୍ବରତା ପରୀକ୍ଷଣ, ଚାଷଜମି ବର୍ଗୀକରଣ, ଜମିରେ ପୋଷକ ତତ୍ତ୍ୱର ପରିଚାଳନା ଆଦି ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରାଯାଇଥିଲା।

## ଠକ ଇଞ୍ଜିନିୟର ଯୁବକ ଗିରଫ

**ଚଞ୍ଚକତା କରି ବ୍ୟାଙ୍କରୁ ଟଙ୍କା ଉଠାଣ**

ବାସୁଦେବପୁର, ୧୦।୧୨(ଡି.ଏନ୍.ଏ.)

ଆଧୁନିକ ପ୍ରଯୁକ୍ତି କୌଶଳ ଜରିଆରେ ଜାଲିଆତି ଓ ଚଞ୍ଚକତା କରି ଭଦ୍ରକ ଓ କଟକର ଦୁଇ ବ୍ୟାଙ୍କରୁ ୧.୭୫ ଲକ୍ଷ ଟଙ୍କା ଉଠାଇ ନେବା ଘଟଣାରେ ପୋଲିସ ତଦନ୍ତ କରି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ଗ୍ରାମର ସୌମ୍ୟରଞ୍ଜନ ଦାସ(୨୫) ନାମକ ଜଣେ ଠକ ଇଞ୍ଜିନିୟର ଯୁବକଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୫ଟି ମୋବାଇଲ, ୩ଟି ଫିଙ୍ଗରପ୍ରିଣ୍ଟ ମେଶିନ, ଗୋଟିଏ ଟଙ୍କା ସ୍ୱାଇପ୍ ମେଶିନ, ଗୋଟିଏ ଲାପ୍‌ଟପ୍, ଗୋଟିଏ ପ୍ରିଣ୍ଟର, ୨ଟି ଏଟିଏମ୍, ୨ଟି ଆଧାର, ଗୋଟିଏ ପାନକାର୍ଡ଼, ଗୋଟିଏ ବ୍ୟାଙ୍କ ପାସ୍‌ବହି ଭଳି କେତେକ ସାମଗ୍ରୀ ଜବତ ହୋଇଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି ଏହି ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତ ସୌମ୍ୟରଞ୍ଜନ ସେହି ଗ୍ରାମର ଆର୍ଯ୍ୟପ୍ରକାଶ ସାହୁ ନାମକ ଜଣେ ଯୁବକଙ୍କ ନାମରେ ଜାଲ କାଗଜପତ୍ର ପ୍ରସ୍ତୁତ କରି ଭଦ୍ରକ ଓ କଟକର ଦୁଇ ବ୍ୟାଙ୍କରୁ ଏହି ଟଙ୍କା ଉଠାନେଇଥିଲେ। ଠକାମିର ଶିକାର ହୋଇଥିବା ଯୁବକ ଆର୍ଯ୍ୟପ୍ରକାଶଙ୍କ ଅଭିଯୋଗକ୍ରମେ ବାସୁଦେବପୁର ପୋଲିସ ଦଫା ୪୬୭, ୪୬୮, ୪୭୧, ୪୧୭, ୨୯୪, ୫୦୬, ୩୪ ଆଇପିସି ବଳରେ ଏକ ମାମଲା(ନଂ ୩୭୧/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଗିରଫ ସୌମ୍ୟରଞ୍ଜନ ଗୁଆଗଡ଼ିଆ ଗ୍ରାମରେ ଆଧାର ସଂଶୋଧନ ସହ ଆଧାରକାର୍ଡ ପ୍ରସ୍ତୁତି କାର୍ଯ୍ୟ କରୁଥିଲେ। କେତେକ ବ୍ୟକ୍ତିଙ୍କର ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରି ସେମାନଙ୍କ ନାମରେ ଚଞ୍ଚକତା ପୂର୍ବକ କେତେକ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଗୁଆଗଡ଼ିଆ ଗ୍ରାମର ଆର୍ଯ୍ୟପ୍ରକାଶଙ୍କ ଅଜାଣତରେ ଠକ ଯୁବକ ଭଦ୍ରକର ଏକ ଶାଖାରୁ ତା।୧୮।୧୧।୧୯ ରିଖରେ ୭୫ ହଜାର ଟଙ୍କା ଓ ୨୦୧୮ ରେ କଟକର ଏକ ବ୍ୟାଙ୍କ କଟକ ଶାଖାରୁ ୧ ଲକ୍ଷ ଟଙ୍କା ଉଠାଇ ଥିବା ତଦନ୍ତରୁ ଜଣାପଡ଼ିଛି। ଭଦ୍ରକସ୍ଥିତ ବ୍ୟାଙ୍କରୁ ଟଙ୍କା ଉଠାଣ ସମ୍ପର୍କରେ ଆର୍ଯ୍ୟପ୍ରକାଶଙ୍କ ନିକଟକୁ ଚିଠି ଆସିବା ପରେ ଠକେଇ ହୋଇଥିବା ଜାଣି ସେ ଏ ବାବଦରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କ ଧରିବା ସହ ତାଙ୍କ ବାପାଙ୍କୁ ଥାନାକୁ ଡକାଇ ପଚରାଉଚରା କରି ଛାଡ଼ି ଦେଇଛି। ଏଭଳି ଠକେଇ ଘଟଣାରେ କେତେକ ବ୍ୟାଙ୍କ କର୍ମଚାରୀ ଓ ଅନ୍ୟମାନଙ୍କ ସମ୍ପୃକ୍ତ ଥିବା ନେଇ ସନ୍ଦେହ ପ୍ରକାଶ ପାଇଛି।

**୫ ମୋବାଇଲ, ୩ ଫିଙ୍ଗର ପ୍ରିଣ୍ଟ ମେଶିନ, ଟଙ୍କା ସ୍ୱାଇପ୍ ମେଶିନ ସମେତ ବିଭିନ୍ନ ସାମଗ୍ରୀ ଜବତ**



ଗିରଫ ଯୁବକ ସହ ଜବତ ସାମଗ୍ରୀ।





ନାଟ ମଣ୍ଡପରେ ଛାତ୍ରୀଛାତ୍ରମାନେ ଗୀତା ଆବୃତ୍ତି କରୁଛନ୍ତି।

## ଛାତ୍ରୀଛାତ୍ରଙ୍କ ସାମୂହିକ ଗୀତାପାଠ

ରେମୁଣା,୧୦।୧୨(ଡି.ଏନ.ଏ.)

ଗୀତା ଜୟନ୍ତୀ ଉପଲକ୍ଷେ ନାଲାପାଟଣାସ୍ଥିତ ସାରସ୍ୱତ ଗୁରୁକୁଳ ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀଙ୍କ ଦ୍ୱାରା କନକଦୁର୍ଗା ମନ୍ଦିରରେ ସାମୂହିକ ଗୀତାପାଠ ଅନୁଷ୍ଠିତ ହୋଇଯାଇଛି। ରେମୁଣା ପତ୍ରିପାଳ ପଞ୍ଚାୟତର ଉକ୍ତ ଶିକ୍ଷାକେନ୍ଦ୍ରର ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମଙ୍ଗଳବାର ସକାଳେ ମନ୍ଦିର ନାଟ ମଣ୍ଡପରେ ଗୀତା ଆବୃତ୍ତି କରିଥିଲେ। ପୂର୍ବାହ୍ନ ୯ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ୭ଶହ ଶ୍ଳୋକ ବିଶିଷ୍ଟ ସମ୍ପୂର୍ଣ୍ଣ ଗୀତା ଆବୃତ୍ତି କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶିକ୍ଷାବିତ୍ ଉପେନ୍ଦ୍ରନାଥ ପୁହାଣଙ୍କ ଅଧ୍ୟକ୍ଷତାରେ ଗୁରୁଜୀ ଅକ୍ଷୟ ପଣ୍ଡା, ବେଣୁଧର କର, ଅନନ୍ତ ଚରଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପୁହାଣ ଗୀତାର ମାହାତ୍ମ୍ୟ ସମ୍ପର୍କରେ ବୁଝାଇବା ସହିତ ସମସ୍ତ ମାନବ ଜାତିକୁ ବାନ୍ଧି ରଖିଥିବା ଏହି ଏକମାତ୍ର ଧର୍ମଗ୍ରନ୍ଥ ପାଠର ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ।

## ରାଧାକୃଷ୍ଣ ହୋମ ଟିମ୍ ଚାମ୍ପିୟନ

ବାଲିଆପାଳ, ୧୦।୧୨(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଚଉମୁଖ ରାଧାକୃଷ୍ଣ କ୍ରିକେଟ୍ କମିଟି ପକ୍ଷରୁ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଧାକୃଷ୍ଣ ହୋମ ଟିମ୍ ଚାମ୍ପିୟନ ହୋଇଛି। ଭାଜପା ଯୁବନେତା ମାନସ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାଧାକୃଷ୍ଣ ହୋମ ଟିମ୍ ଓ ରାଧାକୃଷ୍ଣ ରାସ ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଧାକୃଷ୍ଣ ହୋମ ଟିମ୍ ୧୬ ରନ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ରମଣିକାନ୍ତ ମଣ୍ଡ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍‌ଙ୍କ ସହ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସୁଶାନ୍ତ ପାତ୍ର, ବିନୋଦ କର, ଗୌରବ ଅଣ୍ଡିଆ, ପ୍ରାଣକୃଷ୍ଣ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ବାବାଜୀ ଜେନା, ପୁଲିନ ସାମନ୍ତ, ସୌରଭ ହାଜରାଙ୍କ ସହିତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## 'ମାନବିକ ଅଧିକାର ଜନ୍ମଗତ ଅଧିକାର'

ରୂପସା, ୧୦।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ମଙ୍ଗଳବାର 'ମାନବିକ ଅଧିକାର ଜନ୍ମଗତ ଅଧିକାର' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ଜିଲା ଆଇନ ପ୍ରାଧିକରଣ ସେବାର ସମ୍ପାଦକ ସୁକୁମାର ମହାପାତ୍ର, ଚେୟାରମ୍ୟାନ୍ ଅଜୟ କୁମାର ମହାନ୍ତି, ଆଇନଜୀବୀ ଦୀପକ କୁମାର ଦାସ, ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ଓ ପ୍ରାଧ୍ୟାପକ କାଳୀଚରଣ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ମାନବିକ ଅଧିକାର ସମସ୍ତଙ୍କର ଜନ୍ମଗତ ଅଧିକାର ହୋଇଥିବାରୁ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତିକରଣ କରିବା ସହ ବିଭିନ୍ନ ଆଇନଗତ ସମସ୍ୟାରୁ ସୁରକ୍ଷା ପ୍ରଦାନ କରିଥାଏ ବୋଲି ମତପ୍ରକାଶ ପାଇଥିଲା।

ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରୋଗ୍ରାମ ଅଫିସର ଡ. ଆରୁଣୀ ମିଶ୍ର, ଅଧ୍ୟାପକ ଶମ୍ଭୁନାଥ ଗିରି, ଲକ୍ଷୀରାମ ହାଁସଦା, ଅଧ୍ୟାପିକା ଦେବସ୍ମିତା ଭୂୟାଁ, ପିନାକୀ ପଣ୍ଡା ଓ ବାସନ୍ତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଅତିଥିମାନେ ଏକ ଶୋଭାଯାତ୍ରାରେ ବାହାରି ବରହମ୍ପୁର, କାଦମୌଦା, କସିପଦା ଆଦି ଗ୍ରାମ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଡ. ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Urgently Required
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact : 9871421149 / 8144146705

Cuttack Office କାମପାଇଁ Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

OFFICIALLYJOB
Qualification 10th above Salary up to Rs. 25,000/- For BBSR, Cuttack, Puri, Berhampur.
M-9938699963

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705 6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

BACK OFFICE EXECUTIVE
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

WANTED
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

DIRECT JOIN JOB
JOB LOCATION BBSR+CTC
• CUSTOMER SERVICE
• DATA ENTRY
• RECEPTION (Back/Office)
• SECURITY GUARD
Mob : 9114090108

WANTED ... WANTED
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

VIGEN INDIA REQUIRED
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ପିକ୍‌ଅପ୍ ଧକ୍କାରେ ଶ୍ରମିକ ମୃତ, ରାସ୍ତା ଅବରୋଧ

**ଜଳେଶ୍ୱର,୧୦।୧୨(ସ୍ୱ.ପ୍ର)**- ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥର ଇକିଡ଼ି ଛକରେ ମଙ୍ଗଳବାର ଏକ ନମ୍ବର ବିହୀନ୍ ପିକ୍‌ଅପ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହାର ପ୍ରତିବାଦ କରି ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ମଙ୍ଗଳବାର ଏକ ନମ୍ବର ବିହୀନ ନୂଆ ପିକ୍‌ଅପ୍ ଇଟା ବୋଝେଇ କରି ଚନ୍ଦନେଶ୍ୱର ଅଭିମୁଖେ ଯାଉଥିବା ବେଳେ ରାସ୍ତାକଡ଼ରେ ଠିଆ ହୋଇଥିବା ସାଇକେଲ ଆରୋହୀଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପିକଅପ୍ ଡ୍ରାଇଭର ଫେରାର୍ ହୋଇଯିବାରୁ କ୍ଷତିପୂରଣ ଓ ବେପରୁଆ ଗାଡ଼ି ଚାଳନା ଅଭିଯୋଗ କରି ସ୍ଥାନୀୟ ଲୋକେ ଦୀର୍ଘ ୧ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପରେ ସେଠାରେ କେତେକ ନେତୃସ୍ଥାନୀୟ ବ୍ୟକ୍ତି, ନାମ୍ପୋ ଏଏସ୍‌ଆଇ ଉମାକାନ୍ତ ମହାପାତ୍ରଙ୍କ ହସ୍ତକ୍ଷେପ ଫଳରେ ଘଟଣାର ଆପୋଷ ସମାଧାନ ହେବା ସହିତ ରାସ୍ତାରୋକୋ ହଟିଥିଲା। ସାଇକେଲ ଆରୋହୀ ଜଣକ ଧାନ କାଟିବାକୁ ଆସିଥିବାରୁ ତାଙ୍କ ନାମ ଜଣାପଡିନାହିଁ। ଅନ୍ୟପକ୍ଷରେ ତାଙ୍କ ଘର ମୟୂରଭଞ୍ଜ ଜିଲା ଝାରପୋଖରିଆ ଅଞ୍ଚଳରେ ବୋଲି ଏଏସ୍‌ଆଇ ମହାପାତ୍ର କହିଛନ୍ତି।

### ଫାଇନାନ୍ସ କର୍ମଚାରୀଙ୍କଠାରୁ ବାଇକ୍ ଲୁଟିନେଲେ ଦୁର୍ବୃତ୍ତ

**ବାଲେଶ୍ୱର ଅଫିସ, ୧୦।୧୨ (ଡି.ଏନ.ଏ)**- ବାଲେଶ୍ୱର ସଦର ଥାନା ଅଧୀନ ବାଲିପାଳ-କେଶରପୁର ରାସ୍ତାର କେଶରପୁର ଛକରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଜଣେ ଫାଇନାନ୍ସ କର୍ମଚାରୀ ଲୁଟ୍‌ର ଶିକାର ହୋଇଛନ୍ତି। ୩ଜଣ ଦୁର୍ବୃତ୍ତ ଏକ କଳା ପଲସରରେ ଆସି ତାଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିବା ସହ ବାଇକ୍ ଲୁଟି ନେଇଛନ୍ତି। ଆହତ କର୍ମଚାରୀ ହେଲେ ଚାନ୍ଦିପୁର ଥାନା ଅଧୀନ ରଣସାହି ପଞ୍ଚାୟତ ଅନ୍ତର୍ଗତ ଝଗଡପାଢି ଗାଁର ବିଦ୍ୟାଧର ସାମଲ(୩୨)। ଟଙ୍କା ଆଦାୟ ପାଇଁ ସେ ବାଲିପାଳ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତଙ୍କ ଭୁଜାଲି ମାଡରେ ବିଦ୍ୟାଧରଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଛି। ସେ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମନ୍ଦିର ଗ୍ରୀଲ୍ କାଟି ଚୋରି

**ସିମୁଳିଆ, ୧୦।୧୨(ଡି.ଏନ.ଏ.)**- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ଭଗିଆଶୁଣୀଙ୍କ ମନ୍ଦିର ଗ୍ରୀଲ୍‌ରେ ଲାଗିଥିବା ତାଲା କାଟି ବିଭିନ୍ନ ପ୍ରକାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ମଙ୍ଗଳବାର ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ମନ୍ଦିର ପୂଜକ ସୂର୍ଯ୍ୟମଣି ପତ୍ରୀ ପୂର୍ବାହ୍ନ ସାଢ଼େ ୮ଟା ବେଳେ ମନ୍ଦିରକୁ ଆସିବା ପରେ ଉତ୍ତରପାର୍ଶ୍ୱ ଦ୍ୱାରରେ ଥିବା ଗ୍ରୀଲ୍‌ର ତାଲା କଟାଯାଇଥିବା ଦେଖିବାକୁ ପାଇଥିଲେ। ପରେ ସେ ସ୍ଥାନୀୟ ଗ୍ରାମବାସୀଙ୍କୁ ଡକାଇ ମନ୍ଦିର ଭିତରକୁ ପ୍ରବେଶ କରିବା ପରେ ମନ୍ଦିର ମୁଖ୍ୟଦ୍ୱାର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ମା' ଭଗିଆଶୁଣୀଙ୍କ ୩ଟି ରୁପା ମୁକୁଟ ସମେତ ୨୦ଟି ସୁନା ଚିତା, ମଙ୍ଗଳସୂତ୍ର ଓ ଦାନବାକ୍ସ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ହାଟମଇତାପୁର ଅଞ୍ଚଳର ରାଧାକୃଷ୍ଣ ମନ୍ଦିରରୁ ବିଭିନ୍ନ ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

### ୩ ଚୋରା ମଦ ବେପାରୀ ଗିରଫ

**ରୂପ୍‌ସା/ବସ୍ତା, ୧୦।୧୨ (ଡି.ଏନ.ଏ./ ସ୍ୱ.ପ୍ର.)**-ବାଲେଶ୍ୱର ଜିଲା ବସ୍ତା ଅବକାରୀ ବିଭାଗ ପକ୍ଷରୁ ସୋମବାର ରାତିରେ ଚଢ଼ାଉ କରାଯାଇଛି। ଓଆଇସି ଆନ୍‌ପା ମାରାଣ୍ଡିଙ୍କ ନେତୃତ୍ୱରେ କନଷ୍ଟେବଲ ବାବାଜୀ ପଣ୍ଡିତ, ଶଶୀକାନ୍ତ ସାହୁ, କୁମୁଦିନୀ ସ ଓ ସୃଷ୍ଟିଧର ଧାରୁଆ ପ୍ରମୁଖ ଚଢ଼ାଉ କରି ୩ଜଣ ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସିଂଲା ଥାନା କୁଶୁଡ଼ିହା ଗ୍ରାମର ମହିଳା ସରସ୍ୱତୀ ପାତ୍ର, ବସ୍ତା ଥାନା ହୁସେନପୁର ଗ୍ରାମର ସୁଗି ହାଁସଦା ଓ ବାଲିଆପାଳ ଥାନା ତାପଣ୍ଡିଆ ଗ୍ରାମର ଉମାକାନ୍ତ ପ୍ରଧାନ। ଅଭିଯୁକ୍ତଙ୍କଠାରୁ ୮୩ ଲିଟର ଦେଶୀ ମଦ ସହ ଏକ ବାଇକ୍ (ନଂ. ଓଡ଼ି୦୧ୟୁ-୯୦୨୬) ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏନେଇ ମାମଲା (ନଂ. ୭୫, ୭୬ ଓ ୭୭/୨୦୧୯-୨୦) ରୁଜୁ ହୋଇଛି।

# ବ୍ୟକ୍ତିତ୍ୱକୁ ବିକାଶ କରେ ସଙ୍ଗୀତ


ଶିକ୍ଷକ ମନୋଜ।

**ସନ୍ତୋଷ କୁମାର ନାୟକ**
**ସିମୁଳିଆ, ୧୦।୧୨**

କଳା ମାଧ୍ୟମରେ ସମାଜ ଜୀବନକୁ ସରସ, ସୁନ୍ଦର କରି ଗଢ଼ିହେବ। ଏଭଳି ବିଶ୍ୱାସ ରଖି ଯନ୍ତ୍ର ସଙ୍ଗୀତ ଶିକ୍ଷାଲାଭ କରି ସାଧନା ଜାରି ରଖିବା ସହ ଅନ୍ୟକୁ ଶିକ୍ଷା ଦେବା କାର୍ଯ୍ୟରେ ଲାଗି ପଡିଛନ୍ତି ମନୋଜ। ଉଚ୍ଚଶିକ୍ଷା ଲାଭ କରି ଶିକ୍ଷକତା ବୃତ୍ତିକୁ ସେ ଆଦରି ନେଇଛନ୍ତି। ହେଲେ କଳା ପ୍ରତି ତାଙ୍କର ଅତୁଟ ରୁଚି ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଯନ୍ତ୍ର ସଙ୍ଗୀତ ସାଧନା କରି ସେ ସାଉଁଟିଛନ୍ତି ଅନେକ ସଫଳତା। ତାଙ୍କୁ ମିଳିଛି ସଙ୍ଗୀତ ଭୂଷଣ ଭଳି ସମ୍ମାନ। ସେ କହନ୍ତି, ବାଲ୍ୟକାଳ ବା ଛାତ୍ର ଜୀବନ ହେଉଛି ସଙ୍ଗୀତ ଶିକ୍ଷାର ପ୍ରକୃଷ୍ଟ ସମୟ। ଏହାକୁ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସହଶିକ୍ଷା ଭାବେ ଗ୍ରହଣ କଲେ ସେମାନଙ୍କ ପ୍ରତିଭା ବିକଶିତ ହୋଇପାରିବ। ଯୁବପିଢିଙ୍କୁ କଳାମନସ୍କ କରିବା ଲକ୍ଷ୍ୟ ନେଇ ସେ ଗଢିଛନ୍ତି 'ଶ୍ରୀ ଜଗନ୍ନାଥ ଭଜନ ସନ୍ଧ୍ୟା' ନାମରେ ଏକ ଅନୁଷ୍ଠାନ। ୨୫ଜଣ କଳାକାରଙ୍କୁ ନେଇ ୫ ବର୍ଷ ହେଲା ଏହି ଅନୁଷ୍ଠାନ ଆଗକୁ ବଢିଚାଲିଛି। ଶିକ୍ଷାନୁଷ୍ଠାନର ପାଠପଢ଼ା ଦାୟିତ୍ୱ ସାରି ପ୍ରତ୍ୟେକ ରବିବାରରେ ସେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବାଦ୍ୟ ସହିତ ନୃତ୍ୟ ଓ ସଙ୍ଗୀତ ମଧ୍ୟ ଶିକ୍ଷାଦାନ କରୁଛନ୍ତି।

ସଙ୍ଗୀତ ଭୂଷଣ ମନୋଜଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଅଡ଼ା ଉଆସରେ। ୨୦୦୮ରୁ ସେ ଅଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରୂପେ କାର୍ଯ୍ୟ କରୁଛନ୍ତି। ପିଲାଦିନୁ କଳା ଦୁନିଆର ଆକର୍ଷଣରେ ବାନ୍ଧି ହୋଇପଡିଥିବା ମନୋଜ କହନ୍ତି, ତାଙ୍କ ଜେଜେ ସ୍ୱର୍ଗତ କ୍ଷେତ୍ରବାସୀ ମହାନ୍ତି ଥିଲେ ନିଜ ଅଞ୍ଚଳର ଜଣେ ଭଲ ଅଭିନେତା। ତାଙ୍କ ମା' ତିଲୋତ୍ତମା ଜଣେ ଗୃହିଣୀ। ବାପା ନଟବର ମହାନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷକ। ସେ ଜଣେ ହାରମୋନିୟମ ଓ ଭାଓଲିନ ବାଦକ ଭାବେ ସୁନାମ ଅର୍ଜନ କରିଛନ୍ତି। ବାପାଙ୍କଠାରୁ ପ୍ରେରଣା ପାଇ ପିଲାଦିନେ ସେ ପ୍ରଥମେ ହାରମୋନିୟମ ବାଦନ ଶିକ୍ଷା କରିଥିଲେ। ପରେ ଭଦ୍ରକର ମୋନମୋହନ ସଙ୍ଗୀତ ପରିଷଦରୁ ଗୁରୁ ହରିବନ୍ଧୁଙ୍କ ନିକଟରୁ ତବଲା ଓ କିବୋର୍ଡ ଶିକ୍ଷାଲାଭ କରି ସଙ୍ଗୀତ ସାଧନା କରି ଆସୁଛନ୍ତି। ତାଙ୍କ ବାପା ହିଁ ତାଙ୍କର ପ୍ରଥମ ଗୁରୁ। ମୋଟ୍ ଚାରି ଭାଇ ଜଣେ ଭଉଣୀଙ୍କ ମଧ୍ୟରେ ସେ ବଡ଼। ତାଙ୍କ ସାନଭାଇ ଇଞ୍ଜିନିୟର ଆଲୋକ ମହାନ୍ତି ଜଣେ ଶାସ୍ତ୍ରୀୟ ସଙ୍ଗୀତଜ୍ଞ। ଅର୍ଥ ରୋଜଗାର କରିବା ଲକ୍ଷ୍ୟ ନେଇ ସେ କଳାକୁ ବ୍ୟବହାର ନ କରି ବରଂ ଏହାପ୍ରତି ସମର୍ପିତ ହୋଇ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ସମେତ ବିଭିନ୍ନ ସ୍ଥାନରେ ସେ ଯନ୍ତ୍ର ସଙ୍ଗୀତରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରି ଆସୁଛନ୍ତି।

ମନୋଜଙ୍କ ମତରେ ଛାତ୍ରୀଛାତ୍ରଙ୍କ ଜୀବନରେ ଶିକ୍ଷା ସହିତ ବାଦ୍ୟ, ନୃତ୍ୟ ଓ ସଙ୍ଗୀତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ। ସେମାନଙ୍କ ଏକାଗ୍ରତା ବୃଦ୍ଧି କରିଥାଏ। ଏଣୁ ସବୁ ଶିକ୍ଷାନୁଷ୍ଠାନରେ ସଙ୍ଗୀତକୁ ସହଶିକ୍ଷା ଭାବେ ଗ୍ରହଣ କରାଯିବା ଦରକାର। ଶିକ୍ଷକ ମନୋଜଙ୍କ ପତ୍ନୀ ତପନପ୍ରଭା ଜଣେ ଗୃହିଣୀ। ଝିଅ ମୌସୁମୀ ବିଜ୍ଞାନ ଛାତ୍ରୀ। ପୁଅ ଦୀପକ ମଧ୍ୟ ବିଜ୍ଞାନର ଛାତ୍ର ଅଟନ୍ତି। ସେମାନେ ମଧ୍ୟ ସଙ୍ଗୀତ ପ୍ରତି ରୁଚି ରଖନ୍ତି। ଛାତ୍ରୀଛାତ୍ରମାନେ ସଙ୍ଗୀତ ଶିକ୍ଷା କରି ଏହାକୁ ପେସା ଭାବେ ଗ୍ରହଣ କରିପାରିବେ ବୋଲି ମନୋଜ କହନ୍ତି।

# ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ୧. ୪୦ ଲକ୍ଷ ଲୁଟ୍

**ବାହାନଗା, ୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ପଞ୍ଚାୟତସ୍ଥିତ କୋଷ୍ଟ କେନାଲ ରାସ୍ତାରେ ମଙ୍ଗଳବାର ଅପରାହ୍ନ ସମୟରେ ଦୁର୍ବୃତ୍ତମାନେ ଏକ ଘରୋଇ ଅର୍ଥଲଗାଣ ସଂସ୍ଥା (ଫାଇନାନ୍ସ କମ୍ପାନୀ)ର କର୍ମଚାରୀଙ୍କଠାରୁ ୧ ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି । ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ମାତ୍ର ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ସମ୍ପର୍କରେ କୌଣସି ପତ୍ତା ପାଇନାହିଁ ।

ଘରୋଇ ଅର୍ଥଲଗାଣ ସଂସ୍ଥା ଏସ୍.କେ.ଏସ୍. କମ୍ପାନୀ ଗ୍ରାମାଞ୍ଚଳରେ ମହିଳା ଗ୍ରୁପମାନଙ୍କୁ ଋଣ ଆକାରରେ ଟଙ୍କା ଯୋଗାଇ ଦେଉଥିଲେ। ପ୍ରତି ସପ୍ତାହରେ ସଂସ୍ଥାର କର୍ମଚାରୀମାନେ ଗାଁକୁ ଆସି ଗ୍ରୁପର ସଦସ୍ୟାମାନଙ୍କୁ ଦେଇଥିବା ଟଙ୍କାର ମୂଳ ସହିତ ସୁଧ ଆଦାୟ କରି ନେଇଥାନ୍ତି। ସେହିଅନୁଯାୟୀ ମଙ୍ଗଳବାର ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀ ଦୀପକ କୁମାର ଗିରି ଅଭଣା ଓ ରୂପଖଣ୍ଡ ଆଦି ଗ୍ରାମର ୭ଟି ମହିଳା ଗ୍ରୁପଙ୍କଠାରୁ ଟଙ୍କା ୧ଲକ୍ଷ ୪୦ ହଜାର ଟଙ୍କା ଆଦାୟ କରି ସୋରସ୍ଥିତ କମ୍ପାନୀ କାର୍ଯ୍ୟାଳୟକୁ ଫେରୁଥିଲେ। ଅଭଣା କୋଷ୍ଟ କେନାଲ ରାସ୍ତା ଉପରେ ଦିନ ପ୍ରାୟ ୨ଟା ବେଳେ ଏକ ନମ୍ବର ବିହୀନ ଧଳା ରଙ୍ଗର ଆପାଚି ଗାଡିରେ ୩ ଜଣ ଦୁର୍ବୃତ୍ତ ପହଞ୍ଚି ଗାଡି ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ଟଙ୍କା ବ୍ୟାଗ ସମେତ ଏକ ଟ୍ୟାବ ଓ ଅନ୍ୟାନ୍ୟ ସାମଗ୍ରୀକୁ ଲୁଟି ନେଇଥିଲେ। ଲୁଟେରାମାନେ ଗାଡି ଯୋଗେ ଆରୁହାବାଡ ପଞ୍ଚାୟତ ଆଡକୁ ଦ୍ରୁତଗତିରେ ଫେରାର ହୋଇଯାଇଥିବା ସଂସ୍ଥାର ମ୍ୟାନେଜର ଶରତ ଚନ୍ଦ୍ର ଦଳେଇ ଅଭିଯୋଗ କରିଛନ୍ତି। ସୋର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କୌଣସି ସୁରାକ ପାଇପାରି ନ ଥିଲେ। ସନ୍ଧ୍ୟାରେ ଅଭିଯୋଗ ହୋଇଥିଲେ ମଧ୍ୟ ଖବରଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିଲା ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଛାତ୍ରୀ କ୍ରିଷ୍ଣାକ୍ରାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରୂପ୍‌ସା, ୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ବାରାପାଳ ଉଦୟନାଥ ମହାପାତ୍ର ଉଚ୍ଚବିଦ୍ୟାନିକେତନର କୃତୀ ଛାତ୍ରୀଙ୍କୁ ଶ୍ରୀହରି ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଗଡ଼ପଦା ପଞ୍ଚାୟତ ଓଡ଼ିଆ ଶାସନ ଗ୍ରାମର ସମାଜସେବୀ ସ୍ୱର୍ଗତ ପର୍ଶୁରାମ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଫାଉଣ୍ଡେଶନ୍‌ର ମୁଖ୍ୟ କମଳା ମହାନ୍ତି, ଏମ୍‌ଡି ସୁଶାନ୍ତ ମହାନ୍ତି, ସମ୍ମାନିତ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଗଙ୍ଗାଧର ପାଣିଗ୍ରାହୀ, ମନୋଜ ମହାନ୍ତି, ମମତା ମହାନ୍ତି ଓ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

୨୦୧୮-୧୯ ବର୍ଷରେ ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରୀ ଅଭିଲିପ୍ସା ଗିରି, ୮ମ ଶ୍ରେଣୀ ଟପ୍ପର ଛାତ୍ରୀ କ୍ରିଷ୍ଣାକ୍ରାନ୍ତି ମହାପାତ୍ର ପ୍ରମୁଖଙ୍କୁ ମାନପତ୍ର, ଟ୍ରଫି ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ଉତ୍ସାହିତ କରିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହେବ ବୋଲି ଏମ୍‌ଡି ସୁଶାନ୍ତ ମହାନ୍ତି ଘୋଷଣା କରିଥିଲେ।

## ଅବକାରୀ, ପୋଲିସର ମିଳିତ ଚଢ଼ାଉ
# ୬୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

**ବାଲେଶ୍ୱର ଅଫିସ/ ଜଳେଶ୍ୱର, ୧୦।୧୨(ସ୍ୱ.ପ୍ର.)**


ଚଢ଼ାଉ କରିଥିବା ଟିମ୍ ସହ ଗିରଫ ଅଭିଯୁକ୍ତ।

ବାଂଲାଦେଶରୁ ପଶ୍ଚିମବଙ୍ଗର ଖଡ଼ଗପୁର ଓ ବର୍ଦ୍ଧମାନ ଅଞ୍ଚଳ ଦେଇ ବ୍ରାଉନସୁଗାର ବାଲେଶ୍ୱର ଜିଲା ଜଳେଶ୍ୱରକୁ ଆସୁଛି। ସେଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପଠାଯାଉଥିବା ବହୁ ଚାଞ୍ଚଲ୍ୟକର ପ୍ରମାଣ ଅବକାରୀ ଓ ପୋଲିସକୁ ମିଳିଛି। ସୋମବାର ମଧ୍ୟରାତ୍ରରେ ଜଳେଶ୍ୱର ଅବକାରୀ ଥାନା କର୍ମଚାରୀ, ବାଲେଶ୍ୱର ଜିଲା ମୋବାଇଲ୍ ସ୍କ୍ୱାଡ଼ ଓ ଜିଲା ପୋଲିସ ଜଳେଶ୍ୱର ଥାନା ରାଜପୁରଠାରେ ଥିବା ସଂଖ୍ୟାଲଘୁ ବସ୍ତି ଉପରେ ଚଢ଼ାଉ କରି ୬୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି।

ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକ ଓ ଜିଲା ଅବକାରୀ ଅଧୀକ୍ଷକ ବି. ଯୁଗଳ କିଶୋରଙ୍କ ମିଳିତ ନିର୍ଦ୍ଦେଶରେ ଉକ୍ତ ବସ୍ତି ଉପରେ ଚଢ଼ାଉ କରାଯାଇଥିଲା। ବସ୍ତିର ଆବାସ ଖାଁ(୩୦)ଙ୍କ ଘରେ ବ୍ୟାପକ ବ୍ରାଉନ୍‌ସୁଗାର କାରବାର ହେଉଥିବା ଗୋଇନ୍ଦା ବିଭାଗର ସୂଚନା ଅନୁଯାୟୀ ଅବକାରୀ ଡିଏସ୍‌ପି ସେକ୍ ଆସପ ଅଲ୍ଲିଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ତାଙ୍କ ଘରୁ ୬୮ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୬ଲକ୍ଷ ୮୦ହଜାର ଟଙ୍କା ହେବ। ଅବକାରୀ ସ୍ୱତନ୍ତ୍ର ମୋବାଇଲ୍ ସ୍କ୍ୱାଡ଼ରେ ମାମଲା (ନଂ. ୧୫୨/୧୯) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।

ଚଢାଉରେ ଆଇଆଇସି ଉଦେଲାଲ ନାୟକ, ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ଓମ୍ପା ମାରାଣ୍ଡି, ଦୋଳଗୋବିନ୍ଦ ଧଳ, ଭାସ୍କର ଚନ୍ଦ୍ର ବେହେରା, ଚନ୍ଦ୍ର ସେଠୀ, ସେକ୍ କଲିମ୍, ଅଞ୍ଜନ ଜେନା, ପ୍ରହ୍ଲାଦ ବିଶ୍ୱାଳ, ମୀନତି ଜେନା, ସୃଷ୍ଟିଧର ଦେହୁରୀ, ମଙ୍ଗଳ ସିଂ, ରାଜୀବ ଭଞ୍ଜ, କୁମୁଦିନୀ ସାଁ, ଶଶୀ ସାହୁ ଓ ୮ଜଣିଆ ଏପିଆର୍ ପୋଲିସ୍ ସାମିଲ ଥିଲେ।

### ପୋଖରୀରୁ ମାଛ ଧରା ବନ୍ଦ କଲା ପୋଲିସ

**ସିମୁଳିଆ,୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡ଼ି ପଞ୍ଚାୟତର ରହଣିଆ ପୋଖରୀରେ ମାଛ ଚାଷ ନିଲାମକୁ ନେଇ ବିବାଦ ସୃଷ୍ଟି ହୋଇଛି। ମଙ୍ଗଳବାର ଅପରାହ୍ନରେ ଗୋଟିଏ ଗୋଷ୍ଠୀର କେତେକ ଲୋକ ଉକ୍ତ ପୋଖରୀରେ ଜାଲ ଟାଣୁ ଥିବାବେଳେ ଅପରଗୋଷ୍ଠୀର କେତେକ ଲୋକ ବିଡ଼ିଓ ଓ ତହସିଲଦାରଙ୍କୁ ସୂଚନା ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଗୋଷ୍ଠୀ ବିବାଦ ଆଶଙ୍କା କରି ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚି ମାଛ ଧରାକୁ ବନ୍ଦ କରିଥିଲା।

ରହଣିଆ ପୋଖରୀକୁ ପୂର୍ବତନ ସରପଞ୍ଚ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ କମ୍ ଦରରେ ବାର୍ଷିକ ହାରରେ ଲିଜ୍‌ରେ ଦେଇଥିଲେ। ଏସମ୍ପର୍କରେ ଗତ ନଭେମ୍ବର ୧୮ ତାରିଖରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା।

# ପ୍ରସୂତିଙ୍କ ମୃତ୍ୟୁ ଘଟଣା, ସ୍ୱାମୀ ଗିରଫ

**ରୂପ୍‌ସା, ୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ ସାନଧନାଡ଼ି ଗ୍ରାମର ଅଞ୍ଜଳି ଧଳ ନାମ୍ନୀ ପ୍ରସୂତିଙ୍କୁ ହତ୍ୟା ଅଭିଯୋଗରେ ବସ୍ତା ପୋଲିସ ତାଙ୍କ ସ୍ୱାମୀ ମୃତ୍ୟୁଞ୍ଜୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ମୃତ୍ୟୁଞ୍ଜୟଙ୍କୁ ଜେଲ ହାଜତକୁ ପଠାଯାଇଛି। ଅଞ୍ଜଳିଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ତାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିବା ପରେ ଗତ ୮ ତାରିଖରେ ଏକ ମାମଲା (ନଂ. ୩୯୩/୧୯) ରୁଜୁ ହୋଇଥିଲା।

ଗତମାସରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଞ୍ଜଳିଙ୍କ ଅସ୍ତ୍ରୋପଚାର ହୋଇ ଏକ ଶିଶୁପତ୍ର ଜନ୍ମ ହୋଇଥିଲା। ଏହାପରେ ସେ ଡିସଚାର୍ଜ ହୋଇ ଶାଶୁଘରକୁ ଆସିଥିଲେ। ମାତ୍ର ଗତ ୭ ତାରିଖରେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁଣି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଅଞ୍ଜଳିଙ୍କ ବାପା ହେମନ୍ତ ସେଠୀ ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି।

### ୨ ଖଣ୍ଡ ଶାଳ ଚୌଥ ଜବତ

**ଖଇରା,୧୦।୧୨(ଡି.ଏନ.ଏ.)**

ଖଇରା ଥାନା ଅଧୀନ କଇଥଗଡିଆ ଗୋଠସାହି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ କାଠ ବ୍ୟବସାୟୀ ସାଇକେଲରେ ୨ ଖଣ୍ଡ ଶାଳ ଚୌଥ ନେଇ ଯାଉଥିବା ବେଳେ କୁପାରୀ ଫରେଷ୍ଟର କିଶୋର ଚନ୍ଦ୍ର ଭୂୟାଁ ଓ ଗାର୍ଡ ସଞ୍ଜୟ ମହାନ୍ତି ଚଢାଉ କରିଥିଲେ। ତାଙ୍କଠାରୁ ସାଇକେଲ ସହ ଶାଳ ଚୌଥ ଜବତ କରାଯାଇଛି। ହେଲେ ଅଭିଯୁକ୍ତ ବ୍ୟବସାୟୀ ଖସି ପଳାଇବାକୁ ସମର୍ଥ ହୋଇଛନ୍ତି।

# ଆଗରପଡ଼ା ବାଳକ ଏକାଦଶ ବିଜୟୀ

**ଖଇରା, ୧୦।୧୨(ଡି.ଏନ.ଏ.)**

ଖଇରା ବ୍ଲକ ରପେୟା ପଞ୍ଚାୟତ ଅଧୀନ ଚାମ୍ପୁଲିପଦା ପଡିଆରେ ତ୍ରିବେଣୀ କ୍ଲବ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ରପେୟା ସରପଞ୍ଚ ଅଜୟ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମିତିସଭ୍ୟା ଅନିତା ନାୟକ, ବିଜୟ କୁମାର ନାୟକ, ବିକାଶ କୁମାର ନାୟକ, ସଞ୍ଜୟ ପଣ୍ଡା, ବିନୋଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ବାଲେଶ୍ୱର ଟାଇଗର, ଆଗରପଡା ବାଳକ ଏକାଦଶ, ଆରଆରୱାଇ ମୟୂରଭଞ୍ଜ, ରାଣୀତାଲ, ଯାଜପୁର, ଧୋବାଗଡିଆ, ବଗେଇପୁର ଏଫସି ଫୁଟବଲ କ୍ଲବ୍ ଓ ସୋର ପ୍ରମୁଖ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଆଗରପଡା ବାଳକ ଏକାଦଶ ଏବଂ ବଗେଇପୁର ଏଫସି ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ଆଗରପଡା ବାଳକ ଏକାଦଶ ବିଜୟୀ ହୋଇଛି। ଶେଷରେ ଏକ ପୁରସ୍କାର ବିତରଣି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ତଥା ସମାଜସେବୀ ଡକ୍ଟର ବେଣୁମାଧବ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କାର ବିତରଣ କରିଥିଲେ। ଜିତେନ୍ଦ୍ର ବାରିକ, ଉତ୍ତମ ବାରିକ ଓ ଅକ୍ଷୟ ହେମ୍ବ୍ରମ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ।


ଖେଳାଳିମାନଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

**ଫୁଟବଲ ଟୁର୍ନାମେଣ୍ଟ**

# ଦୌଡ଼କୁଦ ତାଲିମ ଶିବିର

**ବାଲେଶ୍ୱର ଅଫିସ, ୧୦।୧୨**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପରମିଟ ପଡ଼ିଆରେ ଦଶଦିନିଆ ଦୌଡ଼କୁଦ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାରଙ୍କର ଅବସରପ୍ରାପ୍ତ ବିଶିଷ୍ଟ ଆଥଲେଟିକ୍ କୋଚ ନୀଳମାଧବ ଦେଓ ମୁଖ୍ୟ କୋଚ୍ ଭାବେ ଯୋଗ ଦେଇଛନ୍ତି। ତାଙ୍କୁ ସହାୟତା କରିବେ ବାଲେଶ୍ୱରର ଏନ୍‌ଆଇଏସ୍ କୋଚ ମମତା ମୟୀ ଦାସ। ଜିଲା କ୍ରୀଡାସଂଘର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରୁ ବିଭିନ୍ନ ବିଭାଗରୁ ୨୯ ଜଣଙ୍କୁ ଚୟନ କରାଯାଇଛି। ତାଲିମ ସମାପ୍ତ ହେବା ପରେ ଏକ ପୂର୍ଣ୍ଣ ଚୟନ ତାଲିକା ପ୍ରସ୍ତୁତ କରାଯାଇ ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକଠାରେ ହେବାକୁ ଥିବା ରାଜ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ। ସର୍ବ ପ୍ରଥମେ କୋଚ ଦେଓ ଖେଳାଳିମାନଙ୍କୁ ତାଲିମର ଏକ ଉପାଦେୟ ତଥ୍ୟ ପ୍ରଦାନ କରିବା ସହ ବୁଧବାରଠାରୁ ନିର୍ଦ୍ଦିଷ୍ଟ ସମୟରେ ଖେଳାଳୀମାନଙ୍କୁ ତାଲିମରେ ଯୋଗଦେବାକୁ କହିଥିଲେ। ଆଥଲେଟିକ ପ୍ରତିଯୋଗୀଙ୍କ ବ୍ୟତୀତ କ୍ରିକେଟ, ଫୁଟବଲ, ଭଲିବଲ ଏବଂ ଅନ୍ୟାନ୍ୟ ବର୍ଗର ଖେଳାଳୀମାନେ କେବଳ ସକାଳେ ଫିଟନେଶ ଟ୍ରେନିଂ ଗ୍ରହଣ କରିପାରିବେ। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ରଙ୍କ ସମେତ ଉପସଭାପତି ବିରେନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଜଗଦିଶ ବେହେରା, ସଞ୍ଜୟ କୁମାର ଲେଙ୍କା, କାର୍ତ୍ତିକ ଚନ୍ଦ୍ର ନାୟକ, ପ୍ରଦିପ କୁମାର ଦାସ,ଅକ୍ଷୟ ଆସ, ସୁରଜିତ ମହାପାତ୍ର, ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ବହୁ ସଭ୍ୟ ଉପସ୍ଥିତ ଥିଲେ।

## କୋର୍ଟଙ୍କ ନିର୍ଦ୍ଦେଶର ବର୍ଷେ ପରେ
# ରାସ୍ତାକଡ଼ରୁ ହଟିଲା ଜବରଦଖଲ

**ଜଳେଶ୍ୱର, ୧୦।୧୨(ସ୍ୱ.ପ୍ର.)**


ପଞ୍ଚୁଘଣ୍ଟା ଗ୍ରାମରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ପଞ୍ଚୁଘଣ୍ଟା ଗ୍ରାମ ମଧ୍ୟରେ ଜଣେ ବ୍ୟକ୍ତିଙ୍କ ଯାତାୟାତ ରାସ୍ତା ଅବରୋଧ କରାଯାଇଥିବାରୁ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶର ଏକ ବର୍ଷ ପରେ ମଙ୍ଗଳବାର ପ୍ରଶାସନ କେତେକାଂଶ ଜବରଦଖଲ ଉଚ୍ଛେଦ କରାଯାଇଛି।

ଗ୍ରାମ ମଧ୍ୟରେ ପୁରଞ୍ଜନ ପଟ୍ଟନାୟକ ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକ ଗ୍ରାମ ଶେଷରେ ରହୁଥିବା ବେଳେ ତାଙ୍କ ଯାତାୟାତ ରାସ୍ତାକୁ କେତେକ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ଫଳରେ ସେ ଯାତାୟାତ କରିବାରେ ଅସୁବିଧା ଭୋଗିବାରୁ ପ୍ରଥମେ ଗ୍ରାମ୍ୟ କମିଟି ଦ୍ୱାରା ବାରମ୍ବାର ବୈଠକ କରାଇ ମଧ୍ୟ ସଫଳ ହୋଇପାରି ନ ଥିଲେ। ପରେ ସେ ଏପରି ଏକ ସମ୍ବେଦନଶୀଳ ଘଟଣାରେ ଜଳେଶ୍ୱର ଥାନା, ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ, ଜିଲା ପ୍ରଶାସନର ଶରଣାପନ୍ନ ହୋଇଥିଲେ ମଧ୍ୟ ନ୍ୟାୟ ପାଇପାରି ନ ଥିଲେ। ଶେଷରେ ୨୦୧୨ରେ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ରିଟ୍ ପିଟିସନ ୧୭୮୪୩୧/୨୦୧୮ ଅନୁଯାୟୀ କୋର୍ଟ ୨୦।୧୨।୧୮ରେ ରାୟ ପ୍ରକାଶ କରିଥିଲେ। ୧୫ରୁ ୧ମାସ ମଧ୍ୟରେ ଜବରଦଖଲ ହଟାଇବା ପାଇଁ କୋର୍ଟ ମ୍ୟୁନିସିପାଲଟି ଓ ପୋଲିସ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୧ବର୍ଷ ବିତିଯାଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇପାରି ନ ଥିଲା। ଅବଶ୍ୟ ୩ଥର ମ୍ୟୁନିସିପାଲିଟି ପଦକ୍ଷେପ ନେଇଥିଲେ ମଧ୍ୟ ପୋଲିସ୍ ଅଭାବ ଯୋଗୁ ତାହା ହୋଇପାରି ନ ଥିଲା। ଶେଷରେ ମଙ୍ଗଳବାର ବସ୍ତା ଅତିରିକ୍ତ ତହସିଲଦାର କାର୍ତ୍ତିକଚନ୍ଦ୍ର ଦାସ, ଜଳେଶ୍ୱର ଏସ୍‌ଡିପିଓ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ବୁଲଡୋଜର ଦ୍ୱାରା ଜବରଦଖଲ ହଟାଯାଇଥିଲା। ଏହି ସମୟରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଅନୟ ବ୍ରହ୍ମ, ଅଶୋକ ପରିଡ଼ା, ପ୍ରଣୟ ବେହେରା, ସୁଶାନ୍ତ ମହାନ୍ତି, ସୁନ୍ଦର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ପୂର୍ବରୁ ଚିହ୍ନଟ ହୋଇଥିବା ସମସ୍ତ ଜବରଦଖଲ ସ୍ଥାନ ଉଚ୍ଛେଦ ହୋଇ ନ ଥିବା ଅଭିଯୋଗ ହୋଇଛି।





## ବୃଦ୍ଧଙ୍କ ଆତ୍ମହତ୍ୟା: କାରଣ ଅସ୍ପଷ୍ଟ

**ଧାମନଗର ୧୦।୧୨(ଡି.ଏନ.ଏ.)**–ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ନସଲାପୁର ଗ୍ରାମର ବିଶ୍ୱନାଥ ସାହୁ (୬୨) ନାମକ ଜଣେ ବୃଦ୍ଧ ଗଳାରେ ରଶି ଲଗାଇ ମଙ୍ଗଳବାର ଭୋର ସମୟରେ ଆତ୍ମହତ୍ୟା କରିଛନ୍ତି । ଧୂଷୁରୀ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା (ନଂ.୨୯/୧୯ ) ରୁଜୁ କରି ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

## ମ୍ୟୁନିସିପାଲିଟି କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୋର, ୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ପାଖର ପଞ୍ଚାୟତ ବଳରାମପୁର ଗ୍ରାମର ନିରଞ୍ଜନ ଶତପଥି (୫୫) ମଙ୍ଗଳବାର ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ମ୍ୟୁନିସିପାଲିଟିରେ ନଳକୂପ ମରାମତି ମିସ୍ତ୍ରି ଭାବେ କାମ କରୁଥିଲେ। ସେ ଚଳିତବର୍ଷ ୩ ଏକରରୁ ଉର୍ଦ୍ଧ୍ୱ ଜମିରେ ଧାନ ଚାଷ କରିଥିଲେ। ଗତ 'ବୁଲ୍‌ବୁଲ୍‌' ବାତ୍ୟାରେ ତାଙ୍କ ଧାନ ଚାଷ ନଷ୍ଟ ହୋଇଯାଇଥିଲା। ସେ ବିଭିନ୍ନ ବ୍ୟାଙ୍କ ଓ ଘରୋଇ ସଂସ୍ଥାରୁ ଋଣ କରିଥିବା ପଡୋଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ଋଣଭାର ସହ୍ୟ କରି ନ ପାରି ନିରଞ୍ଜନ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ସୋର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ସୋର ଥାନାରେ ଏନେଇ ମାମଲା (ନଂ. ୯୪/୧୯) ରୁଜୁ ହୋଇଛି।






## ଡୁଡିଗଡିଆରେ ଅଗ୍ନିକାଣ୍ଡ

**ଖଇରା, ୧୦।୧୨(ଡି.ଏନ.ଏ.)**– ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଡିଗଡିଆସ୍ଥିତ ମିଶ୍ର କମ୍ପ୍ଲେକ୍ସରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି କମ୍ପ୍ଲେକ୍ସ ମାଲିକ ନିହାର ରଞ୍ଜନ ମିଶ୍ରଙ୍କ ୨ ବଖରା ପୋଡିଯିବା ସହ ଘର ସଂଲଗ୍ନ କିଶୋର ପଣ୍ଡା ରଙ୍ଗ ଦୋକାନ ପୋଡିଯାଇଛି। ବିଦ୍ୟୁତ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସୋର ଦମକଳ କେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀଯନ୍ତ୍ରୀ



ଭିଜିଲାନ୍ସ ପକ୍ଷରୁ କାଗଜପତ୍ର ଯାଞ୍ଚ କରାଯାଉଛି।

**ସୋର, ୧୦।୧୨(ଡି.ଏନ.ଏ.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି ସୋର ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଅଜୟ କୁମାର ବେହେରା। ମଙ୍ଗଳବାର ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ଚଢ଼ାଉ କରାଯାଇଛି। ଡିଏସ୍‌ପି ଦକ୍ଷିଣ ଚରଣ ମୁର୍ମୁଙ୍କ ନେତୃତ୍ୱରେ ଏକ ଟିମ୍ ଭୋର୍ ସମୟରେ ସୋର କାର୍ଯ୍ୟାଳୟରେ ପହଞ୍ଚିଥିଲେ। କାର୍ଯ୍ୟାଳୟ ଖୋଲିବା ପରେ ଭିଜିଲାନ୍ସ ଟିମ୍ ଭିତରେ ପଶି ନିର୍ବାହୀଯନ୍ତ୍ରୀଙ୍କ ଟେବୁଲ ଡ୍ରୟରରେ ଥିବା କିଛି କାଗଜପତ୍ର, ଆଧାର ଓ ପାନକାର୍ଡ଼ର ଜେରକ୍ସ କପି ଜବତ କରିଥିଲେ। ଆଲମାରୀ ଚାବି ପଡ଼ିଥିବାରୁ ଏହାକୁ ଜଉମୁଦ ଦେଇ ସିଲ୍ କରାଯାଇଛି। ଏହାସହ ସରକାରୀ ବାସଭବନକୁ ମଧ୍ୟ ସିଲ୍ କରାଯାଇଛି। ଚଢ଼ାଉ ସମୟରେ ଇନ୍ସପେକ୍ଟର ହେମାମାଳିନୀ ନାୟକ ଓ ସବଇନ୍ସପେକ୍ଟର ସସ୍ମିତା ପୋଇ ପ୍ରମୁଖ ଉପସ୍ଥିତ ଥିଲେ। ଖବର ଲେଖା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି।






## ଧାନ ବିକି ଟଙ୍କା ପାଇ ନ ଥିବା ଚାଷୀଙ୍କ ଧାରଣା



ନଗୁଁଆ ସୋସାଇଟିରେ ତାଲା ପକାଇ ଚାଷୀ ଧାରଣା ଦେଇଛନ୍ତି।

**ଭଣ୍ଡାରିପୋଖରୀ, ୧୦।୧୨(ଡି.ଏନ୍.ଏ.)**

ଗତ ଏପ୍ରିଲ ମାସରେ ଧାନ ବିକ୍ରି କରି ପାଉଣା ପାଇ ନ ଥିବାରୁ ଏହାର ପ୍ରତିବାଦରେ ଚାଷୀମାନେ ମଙ୍ଗଳବାର ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ସେବା ସମବାୟ ସମିତିରେ ତାଲା ପକାଇ ଧାରଣା ଦେଇଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ନଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଧାରଣା ଦେଇଥିବା ଦର୍ଶାଇଛନ୍ତି ଯେ, ଏଠାକାର ୨୭ ଜଣ ଚାଷୀ ୬୯୯ କୁଇଣ୍ଟାଲ ଧାନ ଏପ୍ରିଲ ମାସରେ ବିକ୍ରି କରିଥିଲେ। ନଗୁଁଆ ସେବା ସମବାୟ ସମିତି ପକ୍ଷରୁ ସେମାନଙ୍କୁ ରସିଦ୍ ଦିଆଯାଇଥିଲା। ଏହାମଧ୍ୟରେ ୭ ମାସ ବିତି ଯାଇଥିଲେ ବି ସେମାନଙ୍କୁ ଧାନବିକ୍ରି ବାବଦ ଟଙ୍କା ମିଳି ନାହିଁ । ଅଫ୍‌ଲାଇନରେ ଏହି ଧାନ କିଣାଯାଇଥିଲା। ସମିତିର ସଭାପତି ରମେଶ ଭାରତୀଙ୍କ ସହ ସମ୍ପାଦକ ସଞ୍ଜୟ ମଲିକ ଗତମାସ ୨୮ତାରିଖରେ ସମ୍ପୃକ୍ତ ମିଲ୍ ମାଲିକଙ୍କ ସହ ଯୋଗାଯୋଗ କରିଥିଲେ। ସେ ଧାନର ମୂଲ୍ୟ କମ୍ କରି ଦେବାକୁ କହିବାରୁ ଚାଷୀମାନେ ରାଜି ନ ହୋଇ ସମିତି ଅଫିସରେ ତାଲା ପକାଇ ଧାରଣା ଦେଇଥିବା କହିଛନ୍ତି। ଏନେଇ ସେମାନେ ଭଦ୍ରକ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ଆଗାମୀ ୩ ଦିନ ଭିତରେ ସମସ୍ୟାର ସମାଧାନ ନ ହେଲେ ଏହି ୨୭ ଜଣ ଚାଷୀଙ୍କ ସପରିବାର ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଚାଷୀ ମନୋରମା ନାୟକ, ନନ୍ଦକିଶୋର ସାହୁ, ସନ୍ତୋଷ ରାଉତ, ରମାକାନ୍ତ ବାରିକ, ଅଶୋକ ତ୍ରିପାଠୀ, ଅନିଲ ଲେଙ୍କା ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

**ଖଇରା,୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାଉଁଶଗଡିଆ ଗ୍ରାମର ତେଜସ୍ୱିନୀ ନାୟକ(୧୮) ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ଖଇରା ପୋଲିସ ସୋମବାର ଏକ ମାମଲା(ନଂ.୨୬୧/୧୯)ରୁଜୁ କରିଛି। ପୋଲିସ ମଙ୍ଗଳବାର ତେଜସ୍ୱିନୀଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରିଛି। ମା'ଙ୍କ ଅଭିଯୋଗ ଅନୁଯାୟୀ, ତେଜସ୍ୱିନୀ ପ୍ରେମ ବିବାହ କରିଥିଲେ। ୯ତାରିଖ ସକାଳେ ତାଙ୍କ ବଡ ଶ୍ୱଶୁର ତେଜସ୍ୱିନୀଙ୍କ ମୃତ୍ୟୁ ହୋଇଥିବା ଫୋନ ଯୋଗେ ଜଣାଇଥିଲେ । ଶାରିରୀକ ଓ ମାନସିକ ନିର୍ଯାତନା ସହି ନ ପାରି ଝିଅର ମୃତ୍ୟୁ ହୋଇଥିବା ସେ ଉଲ୍ଲେଖ କରିଛନ୍ତି ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଗାଡି ଧକ୍କାରେ ଜଣେ ମୃତ

ଝୁମ୍ପୁରା ୧୦।୧୨ (ଡି.ଏନ.ଏ.)-ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର କଟଲପଶି ଗ୍ରାମ ନିକଟରେ ମଙ୍ଗଳବାର ଭୋର ସମୟରେ ଅଜଣା ଗାଡି ଧକ୍କାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଜାତୀୟ ରାଜପଥରେ ସକାଳ ସମୟରେ ଯାଉଥିବା ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଝୁମ୍ପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରାଜପଥ ମଝିରେ ମୃତ ଦେହ ପଡି ରହିଥିବାରୁ ବହୁ ସମୟ ଧରି ରାଜପଥ ମଧ ଅବରୋଧ ରହିଥିଲା। ଥାନାଧିକାରୀ ବିରଞ୍ଚି ବାଗଙ୍କ ସୂଚନା ଅନୁଯାୟୀ ମୃତ ବ୍ୟକ୍ତି ଜଣକ ମାନସିକ ଅନଗ୍ରସର ଥିଲେ ଏବଂ ସେ ପାଗଳ ପ୍ରାୟ ବୁଲୁଥିବା ଆଖପାଖରେ ଦେଖା ଯାଉଥିଲା। ତେବେ କେଉଁ ଗାଡି ଧକ୍କା ଦେଇଛି ଖବର ଲେଖା ହେବା ପର୍ଯ୍ୟନ୍ତ ଜଣା ପଡି ନାହିଁ। ରାସ୍ତା ଉପରୁ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ ୧୨୫/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ବିରଞ୍ଚି ବାଗ ସୂଚନା ଦେଇଛନ୍ତି।

### ପୁତୁରା ଆକ୍ରମଣରେ ବଡ ମା' ଗୁରୁତର

ଆନନ୍ଦପୁର,୧୦। ୧୨(ସ୍ୱ.ପ୍ର.)- ଘସିପୁରା ଥାନା ଭାଟସିରା ଅଞ୍ଚଳରେ ନାବାଳକ ପୁତୁରା ଆକ୍ରମଣରେ ବଡ଼ ମା' ଗୁରୁତର ହୋଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣାପଡିଛି। ବର୍ଷେ ତଳେ ଦୁଇ ଭାଇଙ୍କ ମଧ୍ୟରେ ଜମିବାଡିକୁ ନେଇ ମନୋମାଳିନ୍ୟ ରହିଥିଲା। ଏହି ଘଟଣା ସମାଧାନ ହୋଇଯାଇଥିବା କହିଥିବାବେଳେ ମଙ୍ଗଳବାର ପ୍ରାୟ ୧୧ଟା ସମୟରେ ତାଙ୍କ ପୁତୁରା ଏକ କତା ସାହାଯ୍ୟରେ ପ୍ରଥମେ ଘରେ ବାହାରେ ରହିଥିବା ତାଙ୍କ ସାଇକେଲକୁ ହାଣିଥିଲେ। ପରେ ଘର ଭିତରକୁ ପ୍ରବେଶ କରି ନାବାଳକ ଜଣଙ୍କ ତାଙ୍କ ବଡ଼ମା'ଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତାଙ୍କ ବେକ ଓ ପିଠିରେ ତିନିଗୋଟି ଗଭୀର ଆଘାତ ଲାଗିଛି। ପରିବାର ଲୋକଙ୍କ ଦ୍ୱାରା ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି।

### ଚୋରା କାଠ ବୋଝେଇ ମିନି ଟ୍ରକ୍ ଜବତ, ୨ ଗିରଫ

କେନ୍ଦୁଝର, ୧୦।୧୨(ଡି.ଏନ୍.ଏ./ସ୍ୱ.ପ୍ର.)- କେନ୍ଦୁଝର ବନ ବିଭାଗ ତରଫରୁ ଏକ ଚୋରା କାଠ ବୋଝେଇ ମିନି ଟ୍ରକ୍ ଜବତ କରାଯାଇଥିବାବେଳେ ଚୋରା କାଠ କାରବାରରେ ସଂପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଂପୃକ୍ତ ମୟୂରଭଞ୍ଜ ଜିଲା ଚଢେଇଭୋଳ ଗ୍ରାମର ସେକ୍ ଅମିରୁଲ(୨୪) ଏବଂ ମହମ୍ମଦ ଆଲ୍ଲାରଖା(୨୩)। ମିଳିଥିବା ସୂଚନା ଅନୁସାରେ, ସୋମବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ଅଞ୍ଚଳରୁ ଏକ ଚୋରା କାଠ ବୋଝେଇ ମିନି ଟ୍ରକ୍ କେନ୍ଦୁଝର ଆସୁଥିବା ଖବର ମିଳିଥିଲା। ବନବିଭାଗ କର୍ମଚାରୀ ସଂପୃକ୍ତ ଓଡି୦୩-ଡି-୧୮୧୭ ନମ୍ବର ବିଶିଷ୍ଟ ମିନି ଟ୍ରକ୍‌କୁ କେନ୍ଦୁଝରରୁ ଜବତ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୫୦ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି।

### କଦଳୀ ଗଛ ହାଣିବା ବେଳେ ଛାତ୍ର ଆହତ

ହାଟଡିହୀ, ୧୦।୧୨ (ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଏକ ସ୍କୁଲରେ ଜଣେ ୫ମ ଶ୍ରେଣୀ ଛାତ୍ର କଦଳୀ ଗଛ ହାଣୁଥିବାବେଳେ ଗୋଟିଆ ଗୋଡରେ ବାଜି ଆହତ ହୋଇଛନ୍ତି। ଏପରି ଘଟଣାକୁ ନେଇ ସିଆରସିସି କୃଷ୍ଣଚନ୍ଦ୍ର ନାହାକ ତଦନ୍ତ କରିଛନ୍ତି। ନାହାକ କହିଛନ୍ତି ଯେ ଏପରି ଖବର ଶୁଣି ସଂପୃକ୍ତ ସ୍କୁଲକୁ ଯାଇଥିଲି। କିନ୍ତୁ ଏନେଇ କୌଣସି ଲିଖିତ ଅଭିଯୋଗ ହୋଇନାହି। ଏବାବଦରେ ବିଇଓଙ୍କୁ ଜଣାଇଛି।

# 'ରାଜ୍ୟ ବାହାରେ କଳାପ୍ରଦର୍ଶନ କରିବାକୁ ଲକ୍ଷ୍ୟ'

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୦।୧୨

■କେନ୍ଦୁଝରର ଯୁବ ଶିଳ୍ପୀ ନିଶିକାନ୍ତ
■ଚନ୍ଦ୍ରଭାଗା ସ୍ୟାଣ୍ଡ ଆର୍ଟ ଫେଷ୍ଟିଭାଲରେ ଭାଗ ନେଇ ପ୍ରଶଂସିତ

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତ ଟିକରପଡ଼ା ଗ୍ରାମର ଯୁବ ଟେରାକୋଟା ଶିଳ୍ପୀ ନିଶିକାନ୍ତ ବେହେରା। ନିଜ ବାପାଙ୍କଠାରୁ ଟେରାକୋଟା ଶିଳ୍ପ କଳା ଶିଖିବା ପରେ ଏବେ ସ୍ୟାଣ୍ଡ ଆର୍ଟ ପାଇଁ ମନ ବଳାଇଛନ୍ତି। ଏହି କଳାରେ ପ୍ରତିଭା ପ୍ରଦର୍ଶନ ଲାଗି ଏଥର କୋଣାର୍କ ମହୋତ୍ସବ ଅବସରରେ ତାଙ୍କୁ ମିଳିଥିଲା ସୁଯୋଗ। ସେଠାରେ ନିଖୁଣ କଳାକୃତି ପ୍ରଦର୍ଶନ କରି ସେ ଏବେ ଚର୍ଚ୍ଚାକୁ ଆସିଛନ୍ତି। କେନ୍ଦୁଝର ଭଳି ଖଣି ଖାଦାନ ଭଳି ଜିଲାରେ ବାଲି ଉପଲବ୍ଧ ହେଉ ନ ଥିବାରୁ ସେ ଅଭ୍ୟାସ କରିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହି ଜିଲାର ଯୁବ ଶିଳ୍ପୀଙ୍କୁ ପ୍ରୋତ୍ସାହିତ କରାଗଲେ



ବାଲୁକା କଳା ଶିଳ୍ପୀ ନିଶିକାନ୍ତ।

ସେମାନେ ବିଭିନ କଳାରେ ପାରଦର୍ଶିତା ପ୍ରଦର୍ଶନ କରିପାରିବେ ବୋଲି ନିଶିକାନ୍ତ କହିଛନ୍ତି। ଆଗାମୀ ଦିନରେ ରାଜ୍ୟ ବାହାରେ ସେ ତାଙ୍କ କଳା ପ୍ରତିଭା ପ୍ରଦର୍ଶନ ପାଇଁ ଲକ୍ଷ୍ୟ ରଖିଥିବା ଏହି ଅବସରରେ ପ୍ରକାଶ କରିଛନ୍ତି।

କୋଣାର୍କର ଚନ୍ଦ୍ରଭାଗାରେ ୧ରୁ ୫ତାରିଖ ପର୍ଯ୍ୟନ୍ତ ଚାଲିଥିବା ସ୍ୟାଣ୍ଡ ଆର୍ଟ ଫେଷ୍ଟିଭାଲ ବାଲୁକାଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ରାଜ୍ୟଠାରୁ ଆନ୍ତର୍ଜାତିକ ସ୍ତର ଯାଏ ୧୨୩ଜଣ ବାଲୁକାଶିଳ୍ପୀ ଭାଗ ନେଇଥିଲେ। ସେଠାରେ ବାଲୁକାଚିତ୍ରର ୪୨ଟି ଷ୍ଟଲ ହୋଇଥିଲା। କେନ୍ଦୁଝର ଜିଲାରୁ ଯାଇଥିବା ନିଶିକାନ୍ତଙ୍କ ଗ୍ରୁପ୍‌ରେ ସୌରଭ ନାଏକ, ଅଜୟ ଘୋଷ ଓ ଗତିକୃଷ୍ଣ ନାୟକ ପ୍ରମୁଖ ସାମିଲଥିଲେ। ସେମାନେ ୫ଟି ବିଷୟବସ୍ତୁକୁ ନେଇ ବାଲୁକା କଳା ପ୍ରଦର୍ଶନ କରିଥିଲେ। ଏଠାରେ ନିଶିକାନ୍ତଙ୍କ ବାଲୁକା ଚିତ୍ରକଳା ବେଶ ପ୍ରଶଂସିତ ହୋଇଥିଲା।

ନିଶିକାନ୍ତ ଏବେ ବାଲେଶ୍ୱରରେ ଚିତ୍ର କଳା ଅଧ୍ୟୟନ କରୁଛନ୍ତି। ତାଙ୍କ ବାପା ଗୌର ଚରଣ ବେହେରା ଜଣେ ଟେରାକୋଟା ଶିଳ୍ପୀ। ତାଙ୍କ ଠାରୁ ସେ ପିଲା ଦିନରୁ ଏହି ଟେରାକୋଟା କଳା ଶିକ୍ଷା ଲାଭ କରି ନିଜକୁ ଜଣେ ଟେରାକୋଟା ଶିଳ୍ପୀ ଭାବରେ ପରିଚିତ କରାଇ ପାରିଛନ୍ତି। ଆନ୍ତର୍ଜାତିକ ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଆଦର୍ଶ ଭାବେ ଗ୍ରହଣ କରି ସ୍ୟାଣ୍ଡ ଆର୍ଟରେ ନିଜ ପ୍ରତିଭା ପ୍ରଦର୍ଶନ ଲାଗି ଉଦ୍ୟମ ଚଳାଇଛନ୍ତି। କେନ୍ଦୁଝର ଜିଲାରେ କଳାର ଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବା ଆବଶ୍ୟକ ବୋଲି ସେ ମତ ବ୍ୟକ୍ତ କରିଛନ୍ତି।

## ଫାଣ୍ଡି ସମ୍ମୁଖ ମନ୍ଦିରରୁ ଚୋରି ଘଟଣା : ଜଣେ ଗିରଫ



ଗିରଫ ଅଭିଯୁକ୍ତ ।

ବଡବିଲ, ୧୦।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ୧ନମ୍ବର ଫାଣ୍ଡି ସମ୍ମୁଖ ହରିହର ମନ୍ଦିରରୁ ଗତ ରବିବାର ବିଳମ୍ବିତ ରାତିରେ ଦାନ ବାକ୍ସ ତାଡି ଚୋରି ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଡବିଲ ଗାଡା ହଟିଂ ଅଞ୍ଚଳର ସନ୍ଦିପ କାଣ୍ଡୁଲନା। ଅଭିଯୁକ୍ତ ସନ୍ଦିପଙ୍କ ନିକଟରୁ ନଗଦ ୧୧୩୦ ଟଙ୍କା ମଧ ଜବତ କରିଥିବା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## କ୍ରୀଡାସଂସ୍ଥାର ସମସ୍ୟାକୁ ନେଇ ଜିଲାପାଳଙ୍କୁ ଭେଟିଲେ କ୍ରୀଡ଼ାବିତ

କେନ୍ଦୁଝର, ୧୦।୧୨(ଡି.ଏନ୍.ଏ.)–

କେନ୍ଦୁଝର ଜିଲା କ୍ରୀଡାସଂସ୍ଥାର ବିଭିନ୍ନ ସମସ୍ୟାକୁ ନେଇ ଜିଲାର କେତେକ କ୍ରୀଡାବିତ ଜିଲାପାଳଙ୍କଠାରେ ସୋମବାର ଅଭିଯୋଗ କରିଛନ୍ତି। ବିଶେଷ କରି କେନ୍ଦୁଝର ଜିଲା କ୍ରୀଡାସଂସ୍ଥା ବର୍ଷକୁ ବର୍ଷ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଆୟୋଜନ କରୁଥିବାବେଳେ ଚଳିତବର୍ଷ ଶେଷ ହେବାକୁ ବସିଥିଲେ ମଧ ଏହି ପ୍ରତିଯୋଗିତା କରି ନ ଥିବା ଯୋଗୁ କ୍ରୀଡାବିତମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗକୁ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ରହିଥିବାବେଳେ କ୍ରୀଡ଼ାବିତମାନେ ସେହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏତଦ୍‌ଭିନ୍ନ ଷ୍ଟାଡିୟମରେ ଗ୍ୟାଲେରୀ ସେଡ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ମୁଖ୍ୟ ଫାଟକରେ ଥିବା ଗ୍ରିଲ, ପାଚେରୀ ନିର୍ମାଣ, ପିଇବା ପାଣି, ଲାଇଟ, ଶୌଚାଳୟ, ଷ୍ଟାଡିୟମରେ ପାଣି ସିଞ୍ଚନ, ସିକ୍ୟୁରିଟି ଗାର୍ଡ ମୁତୟନ ଦିଗରେ ଧ୍ୟାନ ଦିଆଯାଉନଥିବା ଫଳରେ କ୍ରୀଡାବିତମାନେ ବିଭିନ୍ନ ସମୟରେ ଅନେକ ସମସ୍ଯାକୁ ସାମ୍ନା କରୁଥିବା ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଷ୍ଟାଡିୟମ ଫାଟକ ସମ୍ମୁଖରେ ବିଭିନ୍ନ ସମୟରେ ରୋଷେଇ କରାଯିବା ସହ ଅଇଁଠା ଅଳିଆ ଆବର୍ଜନା ପକାଯାଉଥିବାରୁ ଏହାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ କ୍ରୀଡାବିତମାନେ ଦାବି କରିଥିଲେ। ଏସଂପର୍କରେ ଜିଲା କ୍ରୀଡାସଂସ୍ଥାର ସମ୍ପାଦକ ଜନାର୍ଦ୍ଦନ ଦାଶଙ୍କୁ ପଚାରିବାରୁ ସେ ଅସୁସ୍ଥ ଥିବାରୁ ଆଥଲେଟିକ୍ ମିଟ୍ ହୋଇପାରିନାହିଁ। ଅଳ୍ପଦିନ ମଧ୍ୟରେ ସାଧାରଣ ପରିଷଦ ବୈଠକ ଡକାଯିବା ସହ ସଚେତନତା ଅଭାବ ଯୋଗୁ ଗେଟ୍ ସମ୍ମୁଖରେ ଅଳିଆ ଆବର୍ଜନା ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।



କ୍ରୀଡ଼ାବିତ୍‌ମାନେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ

ହାଟଡିହୀ, ୧୦।୧୨ (ଡି.ଏନ.ଏ.)– କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ହାଟଡିହୀ ମହାବିଦ୍ୟାଳୟ ଠାରେ ଓସ୍‌ଡମା ତରଫରୁ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତାପସ କୁମାର ରାଉତଙ୍କ ନେତୃତ୍ୱରେ ଓଡିଶା ବିପର୍ଯ୍ୟୟ ପ୍ରଶମନ ବାହିନୀ ବାରିପଦା ଟିମ୍‌ର ୧୯ଜଣ ସଦସ୍ୟ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜର ଆତ୍ମରକ୍ଷା ସହିତ ଅନ୍ୟର ଜୀବନ ରକ୍ଷା କିପରି ହୋଇପାରିବ ସେ ସମ୍ପର୍କରେ ବିଭିନ୍ନ ପ୍ରକାର କୌଶଳର ତାଲିମ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥିଲେ। କେନ୍ଦୁଝର ଜିଲା ଆପାତ କାଳୀନ ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ହାଟଡିହୀ ମହାବିଦ୍ୟାଳୟର ଅଧକ୍ଷ କୃଷ୍ଣ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ପ୍ରାଧାପକ ଚିତ୍ତରଞ୍ଜନ ରାଉତଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସ୍କୁଲରୁ ଅଣ୍ଡା, ଚାଉଳ ଚୋରି

ହାଟଡିହୀ, ୧୦।୧୨ (ଡି.ଏନ.ଏ.)– କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଝଣଝଣା ଓ ବନଦୁର୍ଗା ବିଦ୍ୟାଳୟରୁ ଅଣ୍ଡା ଓ ଚାଉଳ ଚୋରି ହୋଇଥିବା ସୋସୋ ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟର ରୋଷେଇଘର ଓ ଅଫିସ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ୬ବସ୍ତା ଚାଉଳ ସହ ୨ପେଟି ଅଣ୍ଡା ଚୋରି ହୋଇଛି। ରେକର୍ଡପତ୍ର ଏଣେତେଣେ ଫୋପଡା ହୋଇଥିବା ସ୍କୁଲର ପ୍ରଧାନ ଶିକ୍ଷକ ହରିହର ପଳତା କହିଛନ୍ତି।

## ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍: ୩ ଗିରଫ

ଯୋଡ଼ା ୧୦।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କଣ୍ଡରାଠାରେ ଜଣେ ଟ୍ରେଲର ଡ୍ରାଇଭରଙ୍କୁ ମାଡ଼ ମାରି ତାଙ୍କଠାରୁ ଟଙ୍କା ଲୁଟ୍ କରିବା ଘଟଣାର ତଦନ୍ତ କରି ପୋଲିସ ମଙ୍ଗଳବାର ୩ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଯୋଡା ସହର କମାର ଯୋଡା ଅଞ୍ଚଳର ରାହୁଲ ସିଂ, ବାଂଶପାଣି ଅଞ୍ଚଳର ପଙ୍କଜ କୁମାର ଗୁପ୍ତା, ବନେଇକଳା ଅଞ୍ଚଳର ସନ୍ତୋଷ କୁମାର ରାଏ। ଯୋଡ଼ା ଥାନା ପୋଲିସ ଏହି ସୂଚନା ଦେଇ କହିଛି ଯେ, ସୋମବାର ବିଳମ୍ବିତ ରାତିରେ ଲୁଟେରାମାନେ ଏକ ଟାଟା ସୁମୋ ଗାଡିରେ ଆସି କଣ୍ଡରା ଠାରେ ଏକ ଟ୍ରେଲରକୁ ଅଟକାଇ ଡ୍ରାଇଭର ନାରାୟଣ ପଣ୍ଡିତଙ୍କ ଠାରୁ ୨ହଜାର ଟଙ୍କା ଓ ଡ୍ରାଇଭିଂ ଲାଇସେନ୍ସ ଛଡ଼ାଇ ନେଇଥିଲେ। ସେମାନେ ଆଉ ଅଧିକ ଟଙ୍କା ମାଗିବାରୁ ଡ୍ରାଇଭର ଟଙ୍କା ନ ଥିବା କହିଥିଲେ। ଏହାପରେ ଲୁଟେରାମାନେ ଏକ ଏଟିଏମ କାର୍ଡ ଛଡ଼ାଇ ନେଇ ଡ୍ରାଇଭରଙ୍କୁ ତାଙ୍କ ଗାଡିରେ ବସାଇ ବାସୁଦେବପୁର ନେଇଥିଲେ। ସେଠାରେ ଟଙ୍କା ଉଠାଣ ପାଇଁ ଏଟିଏମ କାଉଣ୍ଟର ଖୋଜି ନ ପାଇବାରୁ ଲୁଟେରାମାନେ ତାଙ୍କୁ ପୁଣି ମାଡ ମାରିଥିଲେ। ସେଠାରୁ ଖସି ଆସି ସମ୍ପୃକ୍ତ ଡ୍ରାଇଭର ଜଣଙ୍କ ବିଲେଇପଦା ଫାଣ୍ଡିରେ ଅଭିଯୋଗ କରିବାପରେ ପୋଲିସ ଏନେଇ ଏକ ମାମଲା (ନଂ.୨୧୫/୨୦୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା।

## ଧାନକଳ ବେଲ୍ଟରେ ନାବାଳକଙ୍କ ଜୀବନ ଗଲା

ଝୁମ୍ପୁରା, ୧୦।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ କାଶିପାଳ ଗ୍ରାମରେ ଏକ ଧାନକଳର ବେଲ୍ଟରେ ଲାଗି ଯିବାରୁ ରାଜାରାମ ମୁଣ୍ଡା (୧୫)ନାମକ ଜଣେ ନାବାଳକଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ଧାନ ପେଶିବା ପାଇଁ ଆସିଥିବା ବେଳେ ବେଲ୍ଟରେ ତାଙ୍କ ଚାଦର ଗୁଡାଇ ହୋଇଯିବାରୁ ଏଭଳି ଦୁର୍ଘଟଣା ଘଟିଛି। ଖବରପାଇ ଝୁମ୍ପୁରା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଧାନକଳ ମାଲିକଙ୍କ ନାମରେ ପୋଲିସ ଏକ ମାମଲା (ନଂ. ୧୨୬/୨୦୧୯) ରୁଜୁ କରି ତାଙ୍କୁ ଅଟକ ରଖି ପଚରାଉଚରା କରୁଥିବା କହିଛି। ଏଭଳି ଦୁର୍ଘଟଣା ମୃତ୍ୟୁକୁ ନେଇ କାଶିପାଳ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଏସମ୍ପର୍କରେ ଶ୍ରମ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

ଲୁହାପଥର ବୋଝେଇ ୬ ଡମ୍ଫର ଜବତ ଘଟଣା

## ଡମ୍ଫର ମାଲିକ ଗିରଫ

ବଡବିଲ, ୧୦।୧୨ (ସ୍ୱ.ପ୍ର.)–

କେନ୍ଦୁଝର ଜିଲା ବଡବିଲ ଥାନା ପୋଲିସ ଗତ ନଭେମ୍ବର ୨୬ ତାରିଖରେ ରାଜ୍ୟ ସୀମାନ୍ତ ନାଲଦାରୁ ଲୁହାପଥର ବୋଝେଇ ୬ଟି ଡମ୍ଫର ଜବତ କରିବା ଘଟଣାର ତଦନ୍ତକୁ ଜୋରଦାର କରିଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ପିଏଚଡି ଅଞ୍ଚଳର ଅମର ରଜକ ନାମକ ଜଣେ ଡମ୍ଫର ମାଲିକଙ୍କୁ ଗିରଫ କରିଛି। ସୂଚନା ଥାଉକି ଗତ ଡିସେମ୍ବର ୫ ତାରିଖରେ ଖଣି କମ୍ପାନୀର ରିସିଭର ଓ ଜଣେ ସୁରକ୍ଷା କର୍ମୀଙ୍କୁ ଗିରଫ କରିଥିଲାବେଳେ ସୋମବାର ଦିନ ଜଣେ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ। ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି ଯେ, ତଦନ୍ତ ଜାରି ରହିଛି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ।



ଗିରଫ ଅଭିଯୁକ୍ତ ।

## ଶିକ୍ଷକଙ୍କ ମୃତଦେହ ଉଦ୍ଧାର ଘଟଣା: ଅଭିଯୁକ୍ତ ପୁଅ ଗିରଫ

ହାଟଡିହୀ, ୧୦।୧୨ (ଡି.ଏନ.ଏ.)–

କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ଡେଙ୍କା ଛକ ଠାରେ ଗତ ୩ ତାରିଖରେ ଶିକ୍ଷକ ଗୋବିନ୍ଦ ହୋଙ୍କ ମୃତ ଦେହ ତାଙ୍କ ମାଟି ଝୁମ୍ପୁଡି ଘରୁ ଉଦ୍ଧାର ହୋଇଥିଲା। ଏନେଇ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ମଙ୍ଗଳବାର ତାଙ୍କ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଏହି ହତ୍ୟାକାଣ୍ଡ ବିଷୟରେ ପୋଲିସ ଅନ୍ୟ କୌଣସି ସୂଚନା ଦେଇନାହାନ୍ତି।

ମୃତ ଶିକ୍ଷକଙ୍କ ମୂଳ ଘର ଝଣଝଣା ଗ୍ରାମରେ। ସୋସୋ ପୋଲିସ ମୃତ ଦେହ ଜବତ କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ଏହା ଏକ ହତ୍ୟାକାଣ୍ଡ ବୋଲି ଲୋକମାନେ ଦାବି କରିଥିଲେ। ଶିକ୍ଷକଙ୍କ ମୃତ ଦେହ ପରିତ୍ୟକ୍ତ ଘରକୁ କିପରି ଆସିଲା ସେ ନେଇ ଉତ୍ତ୍ୟକ୍ତ ଲୋକ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଛେନାପଦୀ ହଦଗଡ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ । ପରିସ୍ଥିତି ଅଧିକ ଉତ୍ତେଜନା ପ୍ରବଣ ହେବାରୁ ଆନନ୍ଦପୁର ଡିଏସପି ବିଦ୍ୟୁତ ଚନ୍ଦ୍ର ପଣ୍ଡା, ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କ ସହ ଆଲୋଚନା କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଡିଏସପି ପଣ୍ଡା ବୁଝାସୁଝା କରିଥିଲେ ଏବଂ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ପୋଲିସ ୩୦୨ ଦଫାରେ ଏକ ହତ୍ୟା ମାମଲା (ନଂ.୧୦୬/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ବିଭିନ୍ନ ସ୍ଥାନରେ ମାନବାଧିକାର ଦିବସ ପାଳିତ

ଆନନ୍ଦପୁର,୧୦। ୧୨(ସ୍ୱ.ପ୍ର.)

ଆନନ୍ଦପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ମାନବାଧିକାର ଦିବସ ଶାଳପଡ଼ା ଠାରେ ଥିବା ସରକାରୀ ଆଇଟିଆଇ ପରିସରରେ ପାଳିତ ହୋଇଯାଇଛି। ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା ସମିତିର ଅଧକ୍ଷ ରାଜେଶ ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ସବଜଜ୍ ଶ୍ରୀମୟୀ ଆଚାର୍ଯ୍ୟ, ଏସ୍‌ଡିଜେଏମ ଶିବାନୀ ଆଚାର୍ଯ୍ୟ, ଘସିପୁରା ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ମାନସୀ ପ୍ରଧାନ, ଜେଏମଏଫସି ସୁପ୍ରଭା କୁଣ୍ଟୁ, ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ, ବାଇଧର ସେଠୀ, ଆଇଟିଆଇ ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମାନବାଧିକାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ତାଲୁକ ଆଇନସେବା ସମିତିର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଚମ୍ପୁଆ, (ଡି.ଏନ.ଏ)** :ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମାନ ଅଧିକାର ଦିବସ ପାଳିତ ହୋଇଯାଇଛି। ବାଳ ଓ କନ୍ୟା ଶିବିର ଅନୁଷ୍ଠିତ ପରିପ୍ରେକ୍ଷୀରେ ତାଲୁକ ଆଇନ ସେବା କମିଟି ମୁଖ୍ୟ ତଥା ଅତିରିକ୍ତ ଜିଲା ଦୌରାଜଜ ଦୋଳ ଗୋବିନ୍ଦ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସବଜଜ ବିନୟ କୁମାର ପାତ୍ର, ଏସଡିଜେଏମ ସଙ୍ଗୀତା ମିଶ୍ର, ଜେଏମଏଫସି ସମୀକ୍ଷା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ବଡବିଲ, (ସ୍ୱ.ପ୍ର.)**: କେନ୍ଦୁଝର ଜିଲା ବଡବିଲସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ମାନବାଧିକାର ଦିବସ ଅବସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବଡବିଲ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ଶିବିରରେ ସମିତି ଅଧକ୍ଷ ତଥା ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ ପତିତପାବନ ପଣ୍ଡା ଅଧକ୍ଷତା କରିଥିଲାବେଳେ ବଡବିଲ ବାର ଆସୋସିଏଶନ ସଭାପତି ବଳରାମ ମହାନ୍ତି ଓ ଆଇନଜୀବୀ ବିଭୂତି ଭୂଷଣ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ମାନବାଧିକାର ସମ୍ବନ୍ଧୀୟ ବିଭିନ୍ନ ଆଇନ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିସ୍ତୃତଭାବେ ଅବଗତ କରିଥିଲେ। ଏହି ଶିବିରରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ପାରା ଲିଗାଲ ଭଲ୍ୟୁଣ୍ଟିୟରଙ୍କ ସହ ସମିତିର କର୍ମଚାରୀମାନେ ଉପସ୍ଥିତ ଥିଲେ।




ବଡବିଲସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ମଞ୍ଚାସୀନ ମାଜିଷ୍ଟ୍ରେଟ ଓ ଆଇନଜୀବୀ।




ଆନନ୍ଦପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ମାନବାଧିକାର ଦିବସରେ ଉପସ୍ଥିତ ଅତିଥି।

